Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 344
Monday, 23 February 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୩ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠାରୁ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ନମୋ ଭାରତ ଓ ମିରଟ ମେଟ୍ରୋର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୨/୨ (ପି.ଆଇ.ବି):ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମେରଠରେ ନମୋ ଭାରତ ରାପିଡ୍ ରେଲ ଏବଂ ମେରଠ ମେଟ୍ରୋ ମାର୍ଗକୁ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ 'ବିକଶିତ ଭାରତ ପ୍ରଦେଶ' ଏବଂ ବିକଶିତ ଭାରତ' ଲକ୍ଷ୍ୟକୁ ଗତିଶୀଳ କରିବ ବୋଲି ସେ କହିଛନ୍ତି । ଭାରତରେ ପ୍ରଥମ ଥର ପାଇଁ ଗୋଟିଏ ସ୍ମାର୍ଟଫୋନ୍‌ରୁ ଗୋଟିଏ ଦିନରେ ଗୋଟିଏ ରାପିଡ୍ ରେଲ ଏବଂ ମେଟ୍ରୋ ସେବା ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ ଏକ ବିକଶିତ ଭାରତରେ ଯୋଗାଯୋଗ ବ୍ୟବସ୍ଥା କିପରି ଦେଖାଯିବ ତାହାର ଏକ ଚମତ୍କାର ଝଲକ ପ୍ରଦାନ କରେ । ଏହି ସମନ୍ୱିତ ବ୍ୟବସ୍ଥାରେ ମେଟ୍ରୋ ମାଧ୍ୟମରେ ସହର ଭିତରେ ଯାତ୍ରା ଏବଂ 'ଟ୍ରିନ୍ ସିଟି' ପରିବହନ ଲାଗି ନମୋ ଭାରତ ଟ୍ରେନ ବ୍ୟବସ୍ଥା ରହିଛି । ଡବଲ୍-ଇଞ୍ଜିନ୍ ସରକାରଙ୍କ କାର୍ଯ୍ୟ ସଂସ୍କୃତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରକଳ୍ପଗୁଡ଼ିକ ଆଜ ଅଧାରୁ ଝୁଲି ରହୁନାହିଁ । ତାଙ୍କ ସରକାର ଏହି ସେବାଗୁଡ଼ିକର ଭିତ୍ତିପ୍ରସ୍ତର ଏବଂ ଉଦ୍‌ଘାଟନ ଗତାଇବୁ ଆଗକୁ ବଢ଼ାଇ ଶିଳାନ୍ୟାସ କରିଥିବା କାର୍ଯ୍ୟକୁ ସାରିବା ଉପରେ ଗୁରୁତ୍ୱ ଦେଇଥିବା ପ୍ରମାଣିତ କରିଛି । ତାଙ୍କ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମେରଠ ମେଟ୍ରୋରେ ଯାତ୍ରା କରିଥିଲେ । ସେ ଛାତ୍ରଛାତ୍ରୀ ଏବଂ ଯାତ୍ରୀମାନଙ୍କ ସହିତ ଭାବ ବିନିମୟ କରିଥିଲେ । ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପକୁ 'ନାରୀ-ଶକ୍ତି'ର ପ୍ରତୀକ ଭାବରେ ପ୍ରଶଂସା କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଅଧିକାଂଶ ଟ୍ରେନ ଅପରେଟର ଏବଂ ଷ୍ଟେସନ ନିୟନ୍ତ୍ରଣ କର୍ମଚାରୀ ମହିଳା । ବେଶର ପ୍ରଥମ ନମୋ ଭାରତ ରାପିଡ୍ ରେଲ ସେବା ପାଇଁ ସେ ଉତ୍ତର ପ୍ରଦେଶର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ମେରଠ ସହିତ ତାଙ୍କର ବିଶେଷ ସମ୍ପର୍କକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୧୪, ୨୦୧୯ ଏବଂ ୨୦୨୪ରେ ତାଙ୍କର ଜାତୀୟ ନିର୍ବାଚନ ପ୍ରଚାର ଏହି ଜୁଲିଜାରୀ ଭୂମିରୁ ଆରମ୍ଭ ହୋଇଥିଲା । ସେ ଏହି ଅଂଚଳର ଚାଷୀ, କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ନିରନ୍ତର ଆଶୀର୍ବାଦ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ, ୨୦୧୪ ପୂର୍ବରୁ, ମେଟ୍ରୋ ସେବା କେବଳ ୫ଟି ସହରରେ ପହଂଚିଥିଲା, କିନ୍ତୁ ବର୍ତମାନ ୨୫ରୁ ଅଧିକ ସହରରେ ମେଟ୍ରୋ ଚାଲୁଛି, ଯାହା ଭାରତକୁ ବିଶ୍ୱର ତୃତୀୟ ବୃହତ ମେଟ୍ରୋୱାର୍କରେ ପରିଣତ କରୁଛି ଏହି ପ୍ରକଳ୍ପର ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଭାରତୀୟ ରେଳ, ମେଟ୍ରୋ ଏବଂ ସରାଇ କାଲେ ଖାନ, ଆନନ୍ଦ ବିହାର, ଗାଜିଆବାଦ ଏବଂ ମେରଠ ବସ୍ ଷ୍ଟାଣ୍ଡର ସମନ୍ୱୟ । ଭାରତରେ ପ୍ରଥମ ଥର ପାଇଁ ନମୋ ଭାରତ ଏବଂ ମେଟ୍ରୋ ରେଳ ସମାନ ଟ୍ରାକ୍ ଏବଂ ଷ୍ଟେସନରେ ଚାଲିବ । ଏହି ସମନ୍ୱୟ ଯାତ୍ରୀମାନଙ୍କୁ ସହର ଭିତରେ ଯାତ୍ରା କରିବାକୁ କିମ୍ବା ସିଧାସଳଖ ଦିଲ୍ଲୀ ଯିବାଆସିବା କରିବାକୁ ସୁବିଧା ଦେବ । ଏହା ଫଳରେ ଦିଲ୍ଲୀରେ ଭଡା ଘରେ ରହିବା ପାଇଁ ଅନେକ ଶ୍ରମିକ ଏବଂ ଛାତ୍ରଛାତ୍ରୀଙ୍କ ବାଧ୍ୟବାଧକତା ସମାପ୍ତ ହେବ । ଏୟାରୋସିଟି, ମାଲ ପରିବହନ ଜରିଡର ଏବଂ ଜେୱାର ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଆଧୁନିକ ଭିତ୍ତିଭୂମିରେ ସରକାରଙ୍କ ନିବେଶ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି । ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଂଚଳକୁ ନୂତନ ଶିଳ୍ପ ଏବଂ ବ୍ୟବସାୟକୁ ଆକର୍ଷିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଭାରତ ପ୍ରଦେଶକୁ ଶ୍ରମ ଏବଂ ସ୍ୱଷ୍ଟିଶ୍ର ଭୂମି ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଜ୍ୟର ଚାଷୀ ଏବଂ କାରିଗରମାନେ ଐତିହ୍ୟ ଏବଂ ବିକାଶର ମଧ୍ୟରୁ ସର୍ବଶ୍ରେଷ୍ଠ ସହ ସାଜାର କରୁଛନ୍ତି । ଭାରତର ବିଶ୍ୱ ଶକ୍ତି ବୃଦ୍ଧି ପାଇବା ସହିତ ବିକଶିତ ରାଷ୍ଟ୍ରଗୁଡ଼ିକ ଭାରତର ଯୁବ ଶକ୍ତିକୁ ବ୍ୟବହାର କରିବା ପାଇଁ ବାଟିଶ୍ୟ ବୁଦ୍ଧି ସ୍ୱାଶ୍ରିତ କରିବାକୁ ଆଗ୍ରହୀ । ଆଜି, ବିଶ୍ୱ ଭାରତକୁ ଏକଦିଂଶ ଶତାବ୍ଦୀର ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ସକ୍ଷମ ଏକ ଶକ୍ତିଶାଳୀ କେନ୍ଦ୍ର ଭାବରେ ଦେଖୁଥାଏ, ଯାହା ସିଧାସଳଖ ଭାରତ ପ୍ରଦେଶର ନାଗରିକମାନଙ୍କୁ ଲାଭ ପହଂଚାଇଥାଏ ବୋଲି ଶ୍ରୀ ମୋଦୀ କହିଥିଲେ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସଶକ୍ତିକରି ପ୍ରଧାନମନ୍ତ୍ରୀ ଚଳିତ ବର୍ଷର କେନ୍ଦ୍ର ବଜେଟରେ ୧୦ ହଜାର କୋଟି ଟଙ୍କାର ସୃଜନ ପାଣ୍ଠି ଉପରେ ଆଲୋକପାତ କରିଥିଲେ ଯାହା ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣ ସହଜ କରିବ । ସେ ବୁଣାକାରମାନଙ୍କୁ ବିଶ୍ୱ ବଜାରରେ ପହଂଚିବାରେ ସାହାଯ୍ୟ କରିବା ଲାଗି ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ଯୋଜନା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ସେ କହିଥିଲେ, କୋଲିଥର ମାଧ୍ୟମରେ ସାମଗ୍ରୀ ପଠାଇବାର ୧୦ ଲକ୍ଷ ସୀମା ହଟାଇ ଦିଆଯାଇଛି । ଏହା ମେରଠ ଏବଂ ଭାରତ ପ୍ରଦେଶର କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଅନଲାଇନ୍ ଆପ୍ ମାଧ୍ୟମରେ ଆମେରିକା ଏବଂ ୟୁରୋପର ଗ୍ରାହକମାନଙ୍କୁ ସିଧାସଳଖ ବିକ୍ରୟ କରିବାକୁ ଅନୁମତି ଦେଇଛି ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ଶ୍ରୀ ମୋଦୀ କହିଥିଲେ, ଚୌଧୁରୀ ଚରଣ ସିଂହ ଜୀଙ୍କ ବିଚାରକୁ ସମ୍ମାନ ଜଣାଇବା ପାଇଁ, ସରକାର ତାଙ୍କୁ ଭାରତ ରତ୍ନ ପ୍ରଦାନ କରିଛନ୍ତି । ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଡବଲ-ଇଞ୍ଜିନ୍ ସରକାର ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛି । ଏହି ଯୋଜନା ଅଧୀନରେ, ଭାରତ ପ୍ରଦେଶର ଚାଷୀମାନଙ୍କୁ ପ୍ରାୟ ୯୫ ହଜାର କୋଟି ଟଙ୍କା ଯୋଗାଇ ଦିଆଯାଇସାରିଛି ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ । ପ୍ରଧାନମନ୍ତ୍ରୀ ଭାରତପ୍ରଦେଶର ବିକାଶ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ରାଜ୍ୟ ଆଜି ଦଙ୍ଗା ଏବଂ ଅପରାଧର ଯୁଗରୁ ବୁଦ୍ଧିମାନ, ମୋବାଇଲ୍ ନିର୍ମାଣ ଏବଂ ପର୍ଯ୍ୟଟନ ପାଇଁ ସ୍ୱୀକୃତି ପ୍ରାପ୍ତ ସ୍ଥାନ ଭାବେ ପରିଚିତ ହୋଇଛି । ଆଜି ଅପରାଧୀମାନେ ଜେଲରେ ଅଛନ୍ତି, ଝିଅମାନଙ୍କର ସମ୍ମାନ ସୁରକ୍ଷିତ ଅଛି, ଏବଂ ଜନତା ଆଇନ ଶୃଙ୍ଖଳା ଏକ ବଡ଼ ଆର୍ଥିକ ଅଭିବୃଦ୍ଧି ଏବଂ ଉତ୍ପାଦନ ବୃଦ୍ଧିକୁ ବୁଜାନ୍ତିତ କରିଛି । ସେ କହିଥିଲେ, ଭାରତପ୍ରଦେଶକୁ ଏକ ଉତ୍ପାଦନ କ୍ଷେତ୍ରରେ ପରିଣତ କରାଯାଇଛି, ଏବଂ ସମ୍ପ୍ରତି ରାଜ୍ୟର ପ୍ରଥମ ସେମିକଣ୍ଡକ୍ଟର କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏକ ବିକଶିତ ଭାରତ ପାଇଁ ଏକ ବିକଶିତ ଭାରତ ପ୍ରଦେଶ ଜରୁରୀ ବୋଲି ଶେଷରେ ପ୍ରଧାନମନ୍ତ୍ରୀ କହିଥିଲେ ।

କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ପ୍ରକୃତ ସଫଳତାର ଚାବିକାଠି : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୨ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୩୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଗୁରୁଗଡ଼ ରତନପୁରର ଯୁବ ଚାଷୀ ହୀରୋଦ ପଟେଲଙ୍କ ନିଆରା ଓ ଅଭିନବ କୃଷି ପ୍ରଣାଳୀକୁ ପ୍ରଶଂସା କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର କହିଛନ୍ତି ଯେ, କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ହିଁ ପ୍ରକୃତ ସଫଳତାର ଚାବିକାଠି । ହୀରୋଦ ନିଜ ପିତା ଶିବ ଶଙ୍କର ପଟେଲଙ୍କ ସହ ମିଶି ପାରମ୍ପରିକ ଧାନ ଚାଷ ସହ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ପୋଖରୀରେ ମତ୍ସ୍ୟ ଚାଷ କରିବା ସହ ତା' ଉପରେ ଲାଢ଼ି କରି ଲାଭ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ସେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଅନ୍ୟମାନଙ୍କୁ ରୋଜଗାର ଦେଇ ସେ ଯୁବ ସମାଜ ପାଇଁ ଏକ ଆଦର୍ଶ ସାଜିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତା କୃଷିକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବପିଢ଼ିକୁ ନିର୍ଦ୍ଦିଷ୍ଟ ଭାବେ ପ୍ରେରିତ କରିବ । ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ପ୍ରତି ଅନୁଷ୍ଠିତ 'ଏଆଇ ଇମ୍ପାକ୍ଟ ସମିଟ'ରେ ଭାରତର ନବସୃଜନ କ୍ଷମତା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷିତ କରିଛି । ଅମୂଲ ବୁଥରେ ଏଆଇ ଆଧାରିତ ସମାଧାନ କରିଥିବାର କିମ୍ବଦନ୍ତି ୨୪ ଘଣ୍ଟିଆ ସହାୟତା ମିଳୁଛି ଏବଂ ଚାଷୀମାନେ ଡାଏରୀ ପରିଚାଳନା ଓ ପଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଶକ୍ତ ହେଉଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ ପ୍ରତିଫଳିତ ହୋଇଛି । ଏଥିସହ ଏଆଇ ମାଧ୍ୟମରେ ଆମର ପ୍ରାଚୀନ ଗ୍ରନ୍ଥ, ଜ୍ଞାନ ପରମ୍ପରା ଏବଂ ପାଣ୍ଡୁଲିପିର ସଂରକ୍ଷଣ ଭାରତର ସାଂସ୍କୃତିକ-ବୈଜ୍ଞାନିକ ଶକ୍ତିର ପରିଚୟ ଦେଉଛି । ଶେଷରେ, ପରୀକ୍ଷା ବେଳାକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କୁ ଶ୍ରୀ ପ୍ରଧାନ 'ପରୀକ୍ଷା ପୋଦ୍ଧା' ଭାବେ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ପରୀକ୍ଷା ସମୟରେ ମନରେ ଆଶଙ୍କା ଓ ଦ୍ୱନ୍ଦ ଆସିବା ସ୍ୱାଭାବିକ, କିନ୍ତୁ ସଫଳତାର ମାପକାଠି କେବଳ ମାର୍କ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ବାର୍ତା ଅନୁଯାୟୀ, ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଏବଂ ନିରନ୍ତର ଶିଖିବାର ମନୋଭାବ ଉପରେ ଗୁରୁତ୍ୱ ଦେବା ଉଚିତ । ଶାନ୍ତ ମନରେ ନିଜ ପ୍ରସ୍ତୁତି ଉପରେ ଭରସା ରଖିବା ଏବଂ ପରିବାର ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ଶକ୍ତି ଭାବେ ଗ୍ରହଣ କରିବା ହିଁ ବିଦ୍ୟାର୍ଥୀଙ୍କୁ ଜୀବନର ପ୍ରତିଟି ପରୀକ୍ଷାରେ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି ।

କର୍ଣ୍ଣାଟକରେ ୧୬ ବର୍ଷରୁ କମ୍ ବୟସ ପିଲାଙ୍କୁ ମୋବାଇଲ ଫୋନ୍ ମନା

ନୂଆଦିଲ୍ଲୀ, ୨୨/୨ (ଇୟୁ.ଏ): ପିଲାମାନଙ୍କ ମଧ୍ୟରେ ବଢୁଥିବା ସ୍ମାର୍ଟଫୋନ୍ ନିଶା ଏବଂ ମାନସିକ ସ୍ୱାସ୍ଥ୍ୟର ଅବନତିକୁ ଦୃଷ୍ଟିରେ ରଖି, ଅନ୍ୟ ଦେଶଗୁଡ଼ିକ ପରି ଭାରତ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେଉଛି । ଅନ୍ଧ୍ରପ୍ରଦେଶ ପରେ, କର୍ଣ୍ଣାଟକ ସରକାର ଏବେ ପିଲାମାନଙ୍କୁ ସୋସିଆଲ ମିଡିଆ ମାୟାଜାଲରୁ ଦୂରେଇ ରଖିବା ପାଇଁ କଠୋର ପଦକ୍ଷେପ ନେବା ବିଷୟରେ ବିଚାର କରୁଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ସୂଚନା ଦେଇଛନ୍ତି ଯେ ରାଜ୍ୟରେ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ୍ ଏବଂ ସୋସିଆଲ ମିଡିଆ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇପାରେ । ଅଷ୍ଟ୍ରେଲିଆର ନିଷ୍ପତ୍ତିକୁ ଅନୁକରଣ କରି ଭାରତ ମଧ୍ୟ ଯୋଜନା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଫାଶରୁ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି ଯେ ଏହି ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି ଏବଂ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଉପ-କୁଳପତିମାନଙ୍କୁ ସେମାନଙ୍କ କ୍ୟାମ୍ପସରେ ନାଇଟକ୍ଲବମାନଙ୍କ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯିବା ଉଚିତ କି ନାହିଁ ସେ ବିଷୟରେ ମତାମତ ମଗାଯାଇଛି । ପିଲାମାନେ ଡ୍ରଗ୍ସ ଓ ସୋସିଆଲ ମିଡିଆର ଶିକାର ହେଉଛନ୍ତି । ଅଷ୍ଟ୍ରେଲିଆ ଏବଂ ଅନେକ ୟୁରୋପୀୟ ଦେଶ ଭଳି ଆମକୁ ମଧ୍ୟ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ୍ ନିଷେଧ କରିବା ଉପରେ ବିଚାର କରୁଛୁ । ସେମାନଙ୍କୁ ପାପେଫ୍ରାଣ୍ଟ୍ରୁ ବିଚ୍ଛିନ୍ନ କରାଯାଇଛି ଏବଂ ସେମାନଙ୍କର ସୋସିଆଲ ମିଡିଆ ନିଶା ସେମାନଙ୍କୁ ନଷ୍ଟ କରୁଛି । ସରକାରଙ୍କ ମତରେ ସ୍ମାର୍ଟଫୋନର ଅସୀମିତ ବ୍ୟବହାର ଜିଶୋରମାନଙ୍କ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି । ପିଲାଙ୍କର ଆଚରଣଗତ ପରିବର୍ତନ, ଚାପ ସୃଷ୍ଟି ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି । ଏହା ଏକାଗ୍ରତାର ଅଭାବ ଏବଂ ଦୁର୍ବଳ ଶିକ୍ଷାଗତ ପ୍ରଦର୍ଶନର କାରଣ ମଧ୍ୟ ପାଲଟିଛି । ଏହା ବ୍ୟତୀତ, ପିଲାମାନେ ସୋସିଆଲ ମିଡିଆରେ ଭୁଲ ସୂଚନା, ଷ୍ଟାଳକ ବିଷୟବସ୍ତୁ ଏବଂ ନିଶାର ବଶବର୍ତ୍ତୀ ହେଉଛନ୍ତି । ବର୍ତମାନ କୁଳପତି ଓ ଶିକ୍ଷାବିତଙ୍କ ସହ ଏନେଇ ଆଲୋଚନା ଚାଲିଛି । ଏହାକୁ ଖୁଲା ଏବଂ କଲେଜରେ କିଭଳି ଲାଗୁ କରାଯିବ ତାକୁ ନେଇ ଯୋଜନା କରାଯିବ ।

ଜରତା ଜଙ୍ଗଲରେ ଏନକାଉଂଟର, ଦୁଇ ମାଓବାଦୀ ନିହତ

ଫୁଲବାଣୀ, ୨୨/୨ (ଆ.ପ୍ର) : ମାଓବାଦୀ-ପୁଲିସ ମୁହାଁମୁହିଁ । କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ ଜରତା ଜଙ୍ଗଲରେ ଗୁଳି ବିନିମୟ । ୨ ମାଓବାଦୀ ନିହତ । ସର୍ଚ୍ଚ ଅପରେସନ ଜାରି । ମୃତକଙ୍କ ପରିଚୟ ଅଜ୍ଞାତ । ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓମୁକ୍ତ ପାଇଁ ମାଓବାଦୀଙ୍କ ବିରୋଧରେ ନିର୍ଣ୍ଣାୟକ ଲଢେଇ ଜାରି ରହିଛି । କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ ଜରତା ଜଙ୍ଗଲରେ ମାଓ ଗତିବିଧି ସୂଚନା ପାଇ ଏସଓଜି ଟିମ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା । ଏହି ସମୟରେ ଜଙ୍ଗଲରେ ଲୁକିଥିବା ମାଓବାଦୀମାନେ ଗୁଳି ଚଳାଇଥିଲେ । ସୁରକ୍ଷା କାହିନୀ ଏହାର ପାଲଟା ଜବାବ ଦେଇଥିଲା । ଏହି ଏନକାଉଂଟରରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ମହିଳା କ୍ୟାଡର ଥିବା ଜଣାପଡିଛି । ମୃତ ମାଓବାଦୀଙ୍କ ପରିଚୟ ଜଣା ପଡିନାହିଁ । ଜଙ୍ଗଲରେ ଏବେବି ଜମ୍ବିଂ ଅପରେସନ ଜାରି ରହିଛି ।

ଓଡ଼ିଆ ଚାଷୀ ହିରୋଦଙ୍କୁ ପ୍ରଶଂସା କଲେ ମୋଦୀ

ଭୁବନେଶ୍ୱର, ୨୨/୨ (ଆ.ପ୍ର) : ଓଡ଼ିଶା ଚାଷୀଙ୍କୁ ପ୍ରଶଂସା । ଓଡ଼ିଶାର ଯୁବ ଚାଷୀ ହିରୋଦ ପଟେଲଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା । ମନ୍ କି ବାତ୍ ରେ ହିରୋଦଙ୍କ ପ୍ରଶଂସା କରିଛନ୍ତି ମୋଦୀ । ଗତ ୨୦୨୫ ମସିହାରେ ଅର୍ଗସ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇଥିଲେ ହିରୋଦ । ମନ୍ କି ବାତ୍ ରେ ହିରୋଦଙ୍କ ଚାଷ ଶୈଳୀର ଉଦାହରଣ ଦେଇଛନ୍ତି । ମୋଦୀ କହିଛନ୍ତି ଯେ, ହିରୋଦ ତାଙ୍କ ବାପା ଶିବ ଶଙ୍କର ପଟେଲଙ୍କ ଠାରୁ ପ୍ରେରଣା ପାଇ ଚାଷ କାର୍ଯ୍ୟ କରୁଛନ୍ତି । ଧାନ, କଦଳୀ, ମାଛ ଚାଷ ଜରି ବେଶ୍ ଲାଭବାନ୍ ହୋଇଛନ୍ତି । ହିରୋଦଙ୍କ ଚାଷ ପ୍ରଣାଳୀ ଦେଖିବାକୁ ଅନେକ ଲୋକ ଆସୁଛନ୍ତି । ତାଙ୍କ ଚାଷ ଶୈଳୀ ଶିଖିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଚାଙ୍ଗରପାଲି ବ୍ଲକର ରତନପୁର ଗ୍ରାମର ଜଣେ ଯୁବ କୃଷି-ଉଦ୍ୟୋଗୀ ହେଉଛନ୍ତି ହିରୋଦ ପଟେଲ । ଆଇଟିଆଇ ପାଠପଢା ପରେ କୃଷିକୁ ଏକ ଅତ୍ୟନ୍ତ ଲାଭଦାୟକ ଏବଂ ସ୍ଥାୟୀ ଉଦ୍ୟମରେ ପରିଣତ କରିବା କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ଚାଷୀ । ହିରୋଦ ପୋଖରୀ ଚାଷ ସିଧାସଳଖ ନିର୍ମିତ ଏକ ଟ୍ରେଲିସ୍ ସିଷ୍ଟମ୍ ରେ ସମନ୍ୱିତ କୃଷି ତଥା ପୋଖରୀ ଉପରେ ନିର୍ମିତ ବାଉଁଶ ଗଠନ (ଟ୍ରେଲିସ୍) ଉପରେ ଲତା ଜାତୀୟ ପନିପରିବା ଚାଷ କରିବା ସହ ପୋଖରୀରେ ମାଛ ଚାଷ କରି ଲାଭବାନ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । କେବଳ ସେତିକି ନୁହଁ ସେ ପୋଖରୀରେ ନୌଚାଳନା କରି ଟ୍ରେଲିସ୍‌ରେ ଝୁଲୁଥିବା ପନିପରିବା ଅମଳ କରୁଛନ୍ତି । ଏଥିପାଇଁ ସେ ନିଜର ଛୋଟ ଡଙ୍ଗା ମଧ୍ୟ ତିଆରି କରିଛନ୍ତି । ପୋଖରୀ କଦାରେ, ସେ କଦଳୀ ଚାଷ, ଅମୃତଭଣ୍ଡା, ଗୁଆ ଏବଂ ବିଭିନ୍ନ ଋତୁକାଳୀନ ପନିପରିବା ଚାଷ କରୁଛନ୍ତି । ଅନ୍ୟମାନଙ୍କ ପାଇଁ ତାଙ୍କ ଫାର୍ମ ଏକ 'ଜୀବନ୍ତ ପ୍ରୟୋଗଶାଳା' ପାଲଟିଛି । ଯାହା ରାଜ୍ୟ ସାରା କୃଷି ବୈଜ୍ଞାନିକ ଏବଂ ତାଙ୍କ ମଡେଲକୁ ଅନୁକରଣ କରିବାକୁ ଚାହୁଁଥିବା ସହକର୍ମ

ଆରମ୍ଭ
SEITHO ARAMBHA
ସୋମବାର, ୨୩ ଫେବୃୟାରୀ,୨୦୨୬ : ଭାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

କଳିଙ୍ଗାରେ ମଂଚସ୍ଥ ହେଲା କଳଙ୍କ ମୋ ପାଇଁ ଚନ୍ଦନ ଗୋପା

ଜି.ଉଦୟଗିରି, ୨୨/୨ (ଆ.ପ୍ର) : ପବିତ୍ର ଶିବରାତ୍ରି ପାଳନ ଅବସରରେ ଲପଲେଷ୍ଟ ଶ୍ରୀ ଶ୍ରୀ ରାମେଶ୍ୱର ଯୁବ କଳା ପରିଷଦ, କଳିଙ୍ଗା ତରଫରୁ ଶନିବାର ରାତ୍ର ସମୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଶ୍ରେଷ୍ଠ ସାମାଜିକ ନାଟକ କଳଙ୍କ ମୋ ପାଇଁ ଚନ୍ଦନ ଗୋପା ନାଟକ ମଂଚସ୍ଥ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କଟକ ଲଭ ନ୍ୟାୟାଳୟର ଆଇନଜୀବୀ ଆଡଭୋକେଟ ଶିବେନ୍ଦ୍ର କୁମାର ବିଶାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ଗ୍ରାମୀଣ ପ୍ରତିଭାକୁ ଆଗକୁ ଆଣିବାରେ ବଡ଼ କୃମିକା ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ସମୀର କୁମାର ପାଢ଼ୀ, ପୋଲିସ ବିଭାଗର ସର୍ଜନ ଅନିଲ କୁମାର ପ୍ରଧାନ, କଳିଙ୍ଗା ନାଏକ ସରପଂଚ କୁମାରୀ ପ୍ରଧାନ ଉପସ୍ଥିତ ଥିଲେ । ଆୟୋଜକ କମିଟିର ସଭାପତି ମନଷନ୍ ନାୟକ, ସଂପାଦକ ବେଣୁଗାଳ ପ୍ରଧାନ ଓ ମ୍ୟାନେଜର ସୀତାକାନ୍ତ ପ୍ରଧାନ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ସ୍ୱାଗତ କାର୍ଯ୍ୟକ୍ରମକୁ ଆମନ ଚନ୍ଦ୍ର ନାୟକ ସଫଳତାର ସହ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଲବମ କୁଇନ୍ ମିସ୍ ରୋମଞ୍ଚକିଙ୍କ ଆକର୍ଷଣୀୟ ପ୍ରଦର୍ଶନ ସହ ଭୁବନେଶ୍ୱର ଓ ଚନ୍ଦ୍ରପୁରରୁ ଆସିଥିବା ଡାଣ୍ଡୁ ଗ୍ରୁପର ନୃତ୍ୟ ଦର୍ଶକ ମାନଙ୍କୁ ମନମୁଗ୍ଧ କରିଥିଲା । କଳିଙ୍ଗାର ସମସ୍ତ ଯୁବକ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଥିଲା ।

ଚୋରା ମଦ ବିକ୍ରିକୁ ବିରୋଧ କରି ଦୋକାନ ଭାଙ୍ଗିଲେ ଶତାଧିକ ମହିଳା

ଧାମନଗର, ୨୨/୨ (ଆ.ପ୍ର) : ଧାମନଗର ବ୍ଲକ ଓ ଧୁଷୁରୀ ଥାନା ଅନ୍ତର୍ଗତ ନଦିଗାଁ ଂଚାୟତ ଅଧିନସ୍ଥ ତିନିଗଡିଆ ଗ୍ରାମରେ ଚୋରା ମଦ ବିକ୍ରିକୁ ନେଇ ଶତାଧିକ ମହିଳାଙ୍କ ଆକ୍ରୋଶ ଓ ଉତେଜନା ସହିତ ଦୋକାନ ଭାଙ୍ଗିବା ଦୃଶ୍ୟ ଦେଖିବାକୁ ମିଳିଛି । ଜୋଡିଲା ନାୟକଣ୍ଡା ପୀଠ ନିକଟରେ ବାଉଁଶି ମଳିକ ଦୀର୍ଘଦିନ ଧରି ଅବୈଧ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗ କରିଥିଲା । ସ୍ଥାନୀୟ ମହିଳାମାନେ ଏହାକୁ ବିରୋଧ କରି ଜଣେ ଘର ଭଙ୍ଗରେ ଚଢ଼ାଉ କରିଥିଲେ । ଘଟଣାବେଳେ ମହିଳାମାନେ ବଡ଼ା ବଡ଼ା ମଦ ଜବତ କରିବା ସହିତ ଘରକୁ

ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା । ଏହା ସହ ରାସ୍ତା ଉପରେ ମଦ ବୋତଲ ଭାଙ୍ଗି ଦେବା ସହିତ ଗୋର ବିରୋଧ କରିଥିଲେ । ଖବର ପାଇ ଧୁଷୁରୀ ପୋଲିସ ଘଟଣାସ୍ଥଳରେ ପହଂଚି ଉକ୍ତ ମହିଳା ମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଆଜିର ଏହି ମଦ ବିରୋଧୀ ଅଭିଯାନରେ ଭଗବତୀ ସାହୁ,ବାସନ୍ତୀ ଲତା ସାହୁଙ୍କ ସମେତ ବହୁ ମହିଳା ମଦ ବିରୋଧରେ ସାମିଲ ହୋଇଥିବା ବେଳେ ଉକ୍ତ ଅଂଚଳରେ ଚୋରା ମଦ ବିକ୍ରିକୁ ବିରୋଧ କରିଥିବାରୁ ମହିଳାମାନଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲୋଟିଛି । ଏହି ମଦ ବିକ୍ରିକୁ ନେଇ ଧୁଷୁରୀ ଥାନ ଶେଷ ନଂ ୧୮/୨୨ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ଅଜୟ କୁମାର ସୁଦର୍ଶନ ଦେଇଙ୍କ ଠାରୁ ସୂଚନା ମିଳିଛି ।

ଆନ୍ତର୍ଜାତିକ ଖ୍ୟାତି ସଂପର୍ଣ୍ଣ ଚିତ୍ରାଚାର୍ଯ୍ୟ ପଦ୍ମଶ୍ରୀ ଉପେନ୍ଦ୍ର ମହାଥିଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଚିଲିକାବାଣପୁର, ୨୨/୨ (ଆ.ପ୍ର) : ବାଣପୁର ମାଟିର ବରପୁତ୍ର, ଚିତ୍ରାଚାର୍ଯ୍ୟ ପଦ୍ମଶ୍ରୀ ଉପେନ୍ଦ୍ର ମହାଥିଙ୍କ ୪୫ତମ ଶ୍ରାଦ୍ଧୋତ୍ସବ ଚଳିତ ତା୨୪-୦୨-୨୦୨୬ରିଖ ମଙ୍ଗଳବାର ଦିବା ୧୦ ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ କନ୍ଦୁମାଟି ନରେନ୍ଦ୍ରପୁରର ତାଙ୍କ ନାମରେ ନାମିତ ଉପେନ୍ଦ୍ର ବିଦ୍ୟାପୀଠ ପରିସରରେ ମହାସମାରୋହରେ ପାଳନ କରାଯିବା ପାଇଁ ପଦ୍ମଶ୍ରୀ ଉପେନ୍ଦ୍ର ମହାଥି ସ୍ମୃତି ପରିଷଦ ତରଫରୁ ସ୍ଥିର କରାଯାଇଛି । ତାଙ୍କର ଏହି ମହାପ୍ରୟାଣ ଦିବସରେ ବିଦ୍ୟାଳୟ ର ୪୫ତମ ବାର୍ଷିକୋତ୍ସବ ଫୁରଫୁରା ବିତରଣୀ ସହିତ ରାଜ୍ୟ ସରକାରଙ୍କ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ଲଳିତ କଳା ଏକାଡ଼େମୀ, ଇକୁଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ପଦ୍ମଶ୍ରୀ ଉପେନ୍ଦ୍ର ମହାଥି ସ୍ମୃତି ପରିଷଦଙ୍କ ମିଳିତ

ଆନୁକୂଲ୍ୟରେ ଉକ୍ତଦିନ 'ଚିତ୍ରାଚାର୍ଯ୍ୟଙ୍କୁ ଚିତ୍ରାଂଜଳି' କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ପ୍ରଥମ ଥର ପାଇଁ ଆମ ଅଂଚଳରେ ଲଳିତ କଳା ଏକାଡ଼େମୀ ତରଫରୁ ଓଡ଼ିଶା ତଥା ଜାତୀୟସ୍ତରର ଖ୍ୟାତି ସଂପର୍ଣ୍ଣ ୨୦ ଜଣ ପ୍ରଖ୍ୟାତ ଯୁବଚିତ୍ର ଶିଳ୍ପୀ ବିଦ୍ୟାପୀଠ ପରିସରରେ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ବିରାଟ ଚିତ୍ରଜଳି ପ୍ରଦର୍ଶନୀର ଆୟୋଜନ କରିବେ । ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ ବିଶ୍ୱବିଜୟୀ ଉପେନ୍ଦ୍ର ମହାଥିଙ୍କ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ତାଙ୍କର କୃତି ଓ କୀର୍ତ୍ତି ସଂପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସେଥିରେ ରାଜ୍ୟର ବହୁଖ୍ୟାତି ସଂପର୍ଣ୍ଣ ଚିତ୍ରଶିଳ୍ପୀ, ସାହିତ୍ୟିକ, କବି, କଥାକାର, ଗବେଷକ, ପ୍ରାଜ୍ଞବିଜ୍ଞ ବ୍ୟକ୍ତିତ୍ୱ ଅଂଶଗ୍ରହଣକରି ମହାଥିଙ୍କ ଜୀବନର ଅନାଲୋଚିତ ଅଧ୍ୟାୟର ଉନ୍ମୋଚନ କରିବେ । ଶେଷରେ ସମ୍ମାନଦ୍ଧବ ମନ୍ତ୍ରୀ, ସାଂସଦ, ପୂର୍ବତନ ବିଧାୟକ, ସ୍ଥାନୀୟ ଜନପ୍ରତିନିଧି ଯୋଗଦାନ କରି ବିଦ୍ୟାଳୟ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉପବୋଧନ ଦେଇ ସୁରକ୍ଷାର ବିତରଣ କରିବାର କାର୍ଯ୍ୟକ୍ରମ ରହିଛି । ବିଶ୍ୱସୁଶିକ୍ଷାପ୍ରକାଶନ ତରଫରୁ ମହାଥିଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ ନିମନ୍ତେ ବିଶ୍ୱମୁକ୍ତି ସାହିତ୍ୟ ପତ୍ରିକାର ଏକ ସ୍ୱତନ୍ତ୍ରସଂଖ୍ୟା ଲୋକାର୍ପିତ ହେବଦେଖି ପଦ୍ମଶ୍ରୀ ଉପେନ୍ଦ୍ର ମହାଥି ସ୍ମୃତି ପରିଷଦର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଶଶାଙ୍କ ବୃଢ଼ମଣିଙ୍କ ଠାରୁ ପ୍ରକାଶ ।

ବେଲଘର ରେଞ୍ଜ ହାତୀ ମୃତ୍ୟୁ ଘଟଣା : ୩ ଶିକାରୀ ଗିରଫ, ଡେପୁଟି ରେଞ୍ଜର ଫେରାର

ବାଲିଗୁଡା, ୨୨/୨ (ଆ.ପ୍ର) : ଗନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡର ବେଲଘର ରେଞ୍ଜ ଅନ୍ତର୍ଗତ ମୁଣ୍ଡୁଟି ଜଙ୍ଗଲ ରେ ହାତୀ ମୃତ୍ୟୁ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ତିନି ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ । ଗିରଫ ତିନି ଜଣ ଶିକାରୀ ମୁଣ୍ଡୁଟି ଜଙ୍ଗଲରେ ଜାଲୁଆରୀ ୪ ତାରିଖ ଦିନ ବାରହା ଶିକାର କରିବା ପାଇଁ ବିଦ୍ୟୁତ ତାର ବିଛାଇଥିଲେ । କିନ୍ତୁ ବିଦ୍ୟୁତ ଫାସରେ ବାରହା ବଦଳରେ ଏକ ହାତୀ ପଡ଼ିଥିବା ବେଳେ ଜାଲୁଆରୀ ୫ ତାରିଖ ଦିନ ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିଲା । ତେବେ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ତଦନ୍ତ କରିବା ସମୟରେ ଏହି ତିନି ଜଣ ଶିକାରୀଙ୍କୁ ଜେରା କରିବା ବେଳେ ବିଦ୍ୟୁତ ତାର ବିଛେଇବା ସହ ହାତୀର ମୃତ୍ୟୁ ପରେ ବି ଗିରଫୀ ସ୍ଥଳରେ ଉପସ୍ଥିତ ରହିଥିବା ସତ ଓଗାଳିଥିଲେ । ଗିରଫ ତିନି ମୁଖ୍ୟ ଅଭିଯୁକ୍ତ ହେଲେ ବେଲଘର ରେଞ୍ଜ ଝିରିପାଣି ଗାଁର ଶ୍ରୀମା ପାତ୍ର (୭୬) ବୃଦ୍ଧଲା ପାତ୍ର (୪୪)ଓ ଗୋକୁଳ ପାତ୍ର (୪୧) । ପୂର୍ବରୁ ଫେବୃୟାରୀ ୪ ତାରିଖରେ ଝିରିପାଣି ଅଂଚଳର ଅନ୍ୟ ୩ ଶିକାରୀଙ୍କୁ ଗିରଫ କରିବା ସହ ତିନି ଦେଶୀ ବନ୍ଧୁକ, ବିଦ୍ୟୁତ ତାର, ଛାଲ, ସିଂଗ ସମେତ ବନ୍ୟ ଜୀବଜନ୍ତୁଙ୍କ ଜଳାଜ ଆଦି ଜବତ କରିଥିଲା ବନ ବିଭାଗ । ତେବେ ବେଲଘର ରେଞ୍ଜ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ

ଏଯାବତ ଛଅ ଜଣ ଶିକାରୀ, ଗେରାର ଡେପୁଟି ରେଞ୍ଜରଙ୍କ ଡ୍ରାଇଭର, ଜେସିବି ଅପରେଟର ସମେତ ମୋଟ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ହାତୀ ମୃତ୍ୟୁ ପରେ ଘଟଣାକୁ ତପେଇଦେବାକୁ ଉଦ୍ୟମ କରି ହାତୀ ମୃତ ଶରୀରକୁ ୩୨ଖଣ୍ଡ କରି କାଟି ମାଟି ତଳେ ପୋତି ଦେଇଥିବା ଫେରାର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯାଇଥିବା ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଫେରାର ଡେପୁଟି ରେଞ୍ଜରଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସେ ବର୍ତ୍ତମାନ ସୁଦ୍ଧା ଫେରାର ଥିବା ଜଣାପଡିଛି । ଏସପିଗଣ ତଦନ୍ତ ରିପୋର୍ଟକୁ ତପେଇଦେବା ନେଇ ଏସିଏଫ ସୁର୍ଯ୍ୟକାନ୍ତ ଜେନାଙ୍କୁ ମଧ୍ୟ ନିଲମ୍ବନ କରାଯାଇଛି । ଏ ସମ୍ପର୍କ ରେ ଅଧିକ ତଦନ୍ତ ଅବ୍ୟାହତ ରହିଥିବା ବିଷୟ ତଦନ୍ତ କାରୀ ଅଧିକାରୀ ତଥା ଏସିଏଫ ମନୋରଞ୍ଜନ ବାଗ ପ୍ରକାଶ କରିଛନ୍ତି ।

ଓଡ଼ିଆ ଅସ୍ମିତାର ପରିଚୟ ସମାଜସେବୀ ଅନ୍ତର୍ଯ୍ୟାମୀ ସାହୁ

ଦଶପଲ୍ଲା, ୨୨/୨ (ଆ.ପ୍ର) : ଓଡ଼ିଶାର ବିଭିନ୍ନ ସ୍ଥାନରେ 'ଓଡ଼ିଆ ପକ୍ଷ' ଭାବେ ପାଳନ ବିଗତ ଦିନରେ କରାଯାଇଛି । ଏହି ପକ୍ଷରେ ସବୁ ଓଡ଼ିଆଙ୍କ ନିମନ୍ତେ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ଦେବା ଦରକାର । ଯେଉଁ ମହାପୁରୁଷ ଓ ମହିୟସୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ୧ ୯୩.୬ ମସିହାରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲା ସେହି

ବିଦ୍ୱାଂଶୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନ ଦେବାକୁ ନୂତନ ସରକାର ତଥା ଲୋକଙ୍କ ସରକାର ସର୍ବଦା ଚେଷ୍ଟାରତ । ତେବେ ଆମର ମହାପୁରୁଷଙ୍କ ସମ୍ମାନ ଜଣାଇବା ତଥା ନୂତନ ପିଢ଼ିଙ୍କୁ ବିଗ ଦର୍ଶନ ଦେଖେଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ମହାପୁରୁଷଙ୍କ ଫୋଟୋ ଚିତ୍ର ଅଙ୍କନ ତଥା ମୂର୍ତ୍ତି ସ୍ଥାପନ କରିଛନ୍ତି । ତେବେ ଏ ଚିତ୍ର ବା ମୂର୍ତ୍ତି ତୁଲିକ ଆଗରେ ଅନିଆ ଗଢା ହେବା ତଥା ସ୍ଥାନଟି ଅସନା ହୋଇଗଲାବେଳେ ଆମ ଓଡ଼ିଆ ମାନଙ୍କ ପାଇଁ ଏକ ଅଶୁଭ ସୂଚନା । ଏଭଳି ବ୍ୟକ୍ତିତ୍ୱମାନ ଦେଖିବାକୁ ମିଳିଛି ଦଶପଲ୍ଲା ଏନ ଏ ସି ଅଫିସର ପାଟେରା ରେ ଥିବା ମହାପୁରୁଷଙ୍କ ଫୋଟୋ ପାଖରେ । ସମସ୍ତଙ୍କ ନଜର ରେ ଆସୁଥିଲେ ମଧ୍ୟ ଏ ସ୍ଥାନକୁ ସଫା କରିବାକୁ କେହି ଆଗକୁ ଆସୁନଥିବା ବେଳେ କଂଟିଲୋର ସମାଜ ସେବୀ ଅନ୍ତର୍ଯାମୀ ସାହୁ ଏଥି ପାଇଁ ଆଗେଇ ଆସିଛନ୍ତି । ସେ ସ୍ଥାନକୁ ଶ୍ରୀ ସାହୁ ପରିଷ୍କାର କରିଛନ୍ତି । ତାଙ୍କ ମତରେ ଏପରି ଅନେକ ଅନୁଷ୍ଠାନ ମାନଙ୍କରେ ଚିତ୍ର ଅଙ୍କନ ହୋଇଛି ଯାହାକି ପରିଷ୍କାର ରକ୍ଷଣା ଷ୍ଟାଲ କର୍ତ୍ତୃପକ୍ଷ, ଏନ ଏ ସି କର୍ତ୍ତୃପକ୍ଷ, ବ୍ଲକ କର୍ତ୍ତୃପକ୍ଷ ତଥା ସମସ୍ତ ଅନୁଷ୍ଠାନ ମାନଙ୍କ କର୍ତ୍ତୃପକ୍ଷଙ୍କ ସମେତ ଶିକ୍ଷିତ ବ୍ୟକ୍ତି, ଯୁବ ସମାଜ ଓ ବୁଦ୍ଧିଜୀବୀ ଆଗେଇ ଆସିବା ଦରକାର । ଏହା କେବଳ ସରକାରଙ୍କ ଦାୟିତ୍ୱ ବୋଧ ମଧ୍ୟରେ ସୀମିତ ନ ରହି ସମସ୍ତ ଜନ ସାଧାରଣ ଙ୍କ ଦାୟିତ୍ୱ ହେବା ଦରକାର ବୋଲି ସେ ମତ ରଖିଛି । ଓଡ଼ିଆ ଲୋକ ହିସାବରେ ଆମ ଓଡିଶା ପାଇଁ ନିଜ ବଳିଦାନ ଦେଇଥିବା ଆଦିବାସୀ ନେତା ହୁଆଣ୍ଡ ଅବା ସ୍ୱାଧୀନତା ସଂଗ୍ରାମୀ ଦୁଅଣ୍ଡ ତାଙ୍କ ପ୍ରତି ସମ୍ମାନ ଅଶ୍ରୁଣ୍ଡ ରହିବା ଦରକାର ।

ସିନାପାଲିରେ ଶ୍ରୀ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରର ରଜ୍ ମୁଦ ଉତ୍ସବ ଧୂମଧାମରେ ପାଳିତ

ସିନାପାଲି, ୨୨/୨ (ଆ.ପ୍ର) : ଗାନ୍ଧୀନଗରରେ ଅବସ୍ଥିତ ଶ୍ରୀ ଶ୍ରୀ ସିଦ୍ଧି ବିନାୟକ ମନ୍ଦିରର ରଜ୍ ମୁଦ ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରଭାତରୁ ମଙ୍ଗଳ ଆରତି, ବିଶେଷ ପୂଜାର୍ଚ୍ଚନା ଓ ହୋମ-ଯଜ୍ଞ କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଅଂଚଳର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଉତ୍ସବକୁ ଗଣେଶଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି ପବିତ୍ର ଅବସରରେ ଭର୍ତ୍ତା ଭାବେ ରାଜେନ୍ଦ୍ର ମେହେର ଓ ତାଙ୍କ ଧର୍ମପତ୍ନୀ ରୀନା ମେହେର, ରାଜିନ୍ଦ୍ର ମେହେର ଓ ଧର୍ମପତ୍ନୀ ଭାର୍ମିକା ମେହେର ମୁଖ୍ୟ ଭୂମିକା ନିଭାଇଥିଲେ । ପୂଜା କାର୍ଯ୍ୟ ସଫଳ ଭାବେ ସମ୍ପନ୍ନ କରିଥିଲେ ପୁଜକ ପ୍ରମୋଦ ଯୋଶୀ ଓ ଭାସ୍କରଦେବ ଦାସ । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧ୍ୟରାଜ ମୋହନ ପାଣିଗ୍ରାହୀ, ଓଡ଼ିଆକ ବିଧାୟକ ଯୋଗଦେଇ ଦେଇଥିଲେ । ଏହା ସହିତ ଲୟୋଦର ମିଶାକ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାୟମାନ କରିଥିଲେ । ଉତ୍ସବର ସଫଳ ଆୟୋଜନ ପାଇଁ ଗଣେଶ ମେହେର, ରାଜାକ ଲୋକନ ମେହେର, ଶଙ୍କର ମେହେର, ସୀତାରାମ ମେହେର, ଗୋବିନ୍ଦ ମେହେର, ରବି ମେହେର, ଶିବ ମେହେର, ତିନାଥ ମେହେର, କିତେନ୍ଦ୍ର ମେହେର, କୟରାମ ମେହେର ଓ ଚମ୍ବରୁଧର ମେହେର ସହ ସମସ୍ତ ଗ୍ରାମବାସୀଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା । ସମଗ୍ର ଅଂଚଳ ଭକ୍ତିରସରେ ମଗ୍ନ ହୋଇଥିବା ବେଳେ ଉତ୍ସବ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି ।

ଗଜପତି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୨/୨ (ଆ.ପ୍ର) : ଓଡ଼ିଶା ଦକ୍ଷତା ବିକାଶ ପ୍ରଧିକରଣ ତଥା ଜିଲ୍ଲା ପ୍ରଶାସନ ଗଜପତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ମେଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ଜି.ତିରୁପତି ରାଓ, ସଭାପତି, ଜିଲ୍ଲାପରିଷଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ରାୟଗଡ଼ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ, ଶ୍ରୀ ବ୍ୟୋମି ପ୍ରସାଦ ପାଣି, ଉପ-ଅଧ୍ୟକ୍ଷ, ପଂଚାୟତ ସମିତି ରାୟଗଡ଼, ଶ୍ରୀମତୀ ଗୌତମୀ ଜାଳି, ଜିଲ୍ଲାପରିଷଦ ସଭ୍ୟା ରାୟଗଡ ପ୍ରମୁଖ

ମଂଚାସିନ ଥିଲେ । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକରୁ ମୋଟ ୬୧୧ ଜଣ ଯୁବକ ଓ ଯୁବତୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ୩୭୪ ଜଣଙ୍କୁ ଚୟନ କରାଯାଇଛି । ସେଥିମଧ୍ୟରୁ ୬୭ ଜଣଙ୍କୁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି । ନିଯୁକ୍ତି ମେଳାରେ ୧ ୯ଗୋଟି ସଂସ୍ଥା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଉକ୍ତ ମେଳାରେ ରାଜ୍ୟ ଓ ରାଜ୍ୟବାହାରର ଘରୋଇ କମ୍ପାନୀ ମାନେ ଯୋଗଦେଇ ପ୍ରତ୍ୟେକ ନିଯୁକ୍ତିର ସୁଯୋଗ ପ୍ରଦାନ କରିବା ସହିତ କିଛି ଘରୋଇ କମ୍ପାନୀ ତାଲିମ୍ ପ୍ରଦାନ ପରେ ନିଯୁକ୍ତି ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

ରତାଖଣ୍ଡିଗୁଡା ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଖୋଜ ଘଟଣା, ଝରିଗାଁ ଥାନାରେ ଏତଲା ଦାଖଲ

ଝରିଗାଁ, ୨୨/୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଜମକୋଟ ଥାନା ଅନ୍ତର୍ଗତ ବଡ଼ ଭଲଣ୍ଡୀ ଗ୍ରାମବାସୀ ଅଲେଖ ଚରଣ ଭାଲ୍ଲ, ଯିଏ ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ଂଚାୟତ ସ୍ଥବର ମାଦକୁମା ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀରେ କାର୍ଯ୍ୟରତ ଥିଲେ, ସେ ଗତ ୨୧ ତାରିଖ ଠାରୁ ଅଦୃଶ୍ୟ ହୋଇଥିବା ଘଟଣା ପ୍ରକାଶ ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ସେହିଦିନ

ଶୀର୍ଷକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ଜନତ୍ରିଂଶତମ ବାର୍ଷିକ ସାଧାରଣ ଅଧିବେଶନ

ବାଲେଶ୍ୱର, ୨୨/୦୨ (ଆ.ପ୍ର) : ବାଲେଶ୍ୱର ଗାନ୍ଧୀସ୍ମୃତି ଭବନରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂଘର ସଭାପତି ଜଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ସଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ୧୬ଟି ଶାଖା ସଂଘର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ସମସ୍ତଙ୍କ ସହଯୋଗରେ ସେଗୁଡ଼ିକର ସମାଧାନ ସହିତ ଜିଲ୍ଲା ସଂଘକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଂଗଠନ ସମ୍ପାଦକ ସନ୍ତୋଷ ପଣ୍ଡା ମଙ୍ଗଳାଚରଣ ପାଠ କରିଥିବାବେଳେ ଉପବେଷ୍ଟା ସମ୍ବନ୍ଧ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ଏହାପରେ ବାର୍ଷିକ ସାଧାରଣ ଅଧିବେଶନକୁ କେନ୍ଦ୍ରଞ୍ଚଳର ରାଜସ୍ୱ କମିଶନରଙ୍କ ସଚିବ ହିମାଂଶୁ ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂଘର ସଭାପତି ଜଂ. ବନମାଳୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଡାକ ସେବାବୋର୍ଡ଼ର ଅବସରପ୍ରାପ୍ତ ସଦସ୍ୟ ଓ ପୂର୍ବତନ ମୁଖ୍ୟ ମହାବାଣିଜ୍ୟପାଳ, ଓଡ଼ିଶା, ଡ. ସନ୍ତୋଷ କୁମାର କାମିଳା, ମୁଖ୍ୟବକ୍ତା ଭାବରେ ନିହାର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଯୁବ ଓ କ୍ରୀଡ଼ା ବିକାଶର ଜାତୀୟ ସେବାସଂସ୍ଥାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍, ଅନ୍ୟତମ ସମ୍ମାନିତ ଅତିଥି 'ସମାଜ' ଉଇର ଓଡ଼ିଶା ସଂସ୍କରଣର ବ୍ୟୁରୋମୁଖ୍ୟ କୁଳମଣି ବାରିକ ଯୋଗ ଦେଇଥିଲେ । ଅତିଥିବୃନ୍ଦଙ୍କ ଦ୍ୱାରା ସଂଘର ବାର୍ଷିକ ମୁଖପତ୍ର 'ଉଇଗାଇଣ' ଓ ସଦସ୍ୟ ଗୌରଚନ୍ଦ୍ର ଭୂୟାଁଙ୍କ କବିତା ସଂକଳନ 'ମୋ ବେହେ ଲେଖ ହେ ଅଗୁର ଚନ୍ଦନ' ଉନ୍ମୋଚିତ ହୋଇଥିଲା । ବାଲେଶ୍ୱର ଅବସରପ୍ରାପ୍ତ କର୍ମଚାରୀଙ୍କ ସାମାଜିକ ସେବା ସହିତ ଅବସର ପରେ ସେମାନଙ୍କ ଅନୁଭୂତି ଓ ଅନୁଭବକୁ ଜନହିତୈଷୀ କାର୍ଯ୍ୟରେ ଲଗାଇ ପାରୁଥିବାରୁ ଅତିଥିବୃନ୍ଦ ଭୂୟସୀ ପ୍ରଶଂସା କରିଥିଲେ । ଉପସଭାପତି ସୁଦର୍ଶନ ଦାସ ମଞ୍ଚଆସୀନ ଓ ମଞ୍ଚ ସଞ୍ଚାଳନ କରିଥିବାବେଳେ ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ । ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବାବେଳେ ଜଳଖାଣ ନନ୍ଦ ଓ ତାଙ୍କର ସାଥୀମାନଙ୍କ ଦ୍ୱାରା ଆବାହୀ ସଙ୍ଗୀତ ଗାନ କରାଯାଇଥିଲା । ପ୍ରତିମା ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଂଘ ତରଫରୁ ବିଶିଷ୍ଟ ବ୍ୟକ୍ତି ଅନନ୍ତ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ଗୋଚ୍ଛାୟତ, ବେଣୁଧର ପାଳ, ରବିନାରାୟଣ ଚୌଧୁରୀ, ଗୋପବନ୍ଧୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ ଓ କ୍ରୀଡ଼ାବିତ୍ ମେରି ସୋରେନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର କାର୍ଯ୍ୟକାରୀ ସଭାପତି ଜଂ. ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଭାଗବତ ବଜାଲ, ଉପବେଷ୍ଟା ଜ୍ଞାନେନ୍ଦ୍ରନାଥ ସାହୁ, ବୀରେନ୍ଦ୍ର ମହାନ୍ତି, ଯୁଗ୍ମସମ୍ପାଦକ ରବୀନ୍ଦ୍ର ମହାନ୍ତି ଓ ସାବିତ୍ରୀ ଦାସ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନା ରାୟ, ଗୀତା ରାୟ, ଗୀତାଞ୍ଜଳି ଷଡଙ୍ଗୀ, ପ୍ରଭାତୀ ସେଠୀ, ଲଳାଟେନ୍ଦୁ ମହାନ୍ତି, ନରେଶ ବାଶ, ଗୌରପ୍ରିୟ ମିଶ୍ର, ରବିନାରାୟଣ ବେହେରା, ଦୟାନିଧି ମହାପାତ୍ର, ଗୋବିନ୍ଦ ମାଝୀ, ହିମାଂଶୁ ଦାସ, ଦିପ୍ତୀଲତା ଦାସ, ପ୍ରତିଭା ମିଶ୍ର, ବାସନ୍ତୀ ଦେ, ହେମନ୍ତ ଜେନା, ରବିନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ସିଂହ, କ୍ଷେତ୍ରମୋହନ ନାୟକ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ ଆଲୁଦ୍ଦିନ, ଅନୁପ ଆଚାର୍ଯ୍ୟ, ରବିନାରାୟଣ ପାତ୍ର, ଦେବାଶିଷ ମାଝିଙ୍କ, ଡ. ତାରାକାନ୍ତ ନନ୍ଦ, ନରେନ୍ଦ୍ର ପୁଷ୍ପଣ, ରବୀନ୍ଦ୍ର ପାଣି, ସତ୍ୟ ନାରାୟଣ ନାୟକ, ଗିରିଜା ଆଚାର୍ଯ୍ୟ, ଲକ୍ଷ୍ମଣ ବିଶ୍ୱାଳ, ଗିରିଜା ଦାସ, ଶଶାଙ୍କ ବଲ, ସଞ୍ଜୟ ପଣ୍ଡା (ଶ), ପୁରୁଷୋତ୍ତମ ବେହେରା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଜଂ. ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ ।

ବାଲେଶ୍ୱରରେ ସରକାରୀ ସହଯୋଗରେ ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ମେଳା କରିବାକୁ ଦାବି ହେଲା ଜୋରଦାର

ବାଲେଶ୍ୱର, ୨୨/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାରେ ସରକାରୀ ସହଯୋଗରେ ପୂର୍ଣ୍ଣାଙ୍ଗ ବାର୍ଷିକ ପୁସ୍ତକ ମେଳା ଆୟୋଜନର ଦାବି ଜୋରଦାର ହୋଇଛି । ବିଧାନସଭାରେ ଏ ସମ୍ପର୍କରେ ବନ୍ଧୁ ବିଧାୟିକା ସୁଚାରିତା ଜେନା ଏ ସମ୍ପର୍କରେ ପ୍ରଶ୍ନ ଉଠାଇବା ପରେ ପୁସ୍ତକମେଳା ଦାବି ଭିନ୍ନ ମୋଡ଼ ନେଇଛି । ଓଡ଼ିଆ ଭାଷା ଆନ୍ଦୋଳନରେ ବାଲେଶ୍ୱରର ଐତିହାସିକ ଭୂମିକା ଓ ସମୃଦ୍ଧ ସାହିତ୍ୟିକ ପରମ୍ପରାକୁ ଉଲ୍ଲେଖ କରି ବିଧାୟିକା ପ୍ରଶ୍ନ କରିଥିଲେ ଯେ, ସରକାରୀ ସହଯୋଗରେ ବାର୍ଷିକ ପୁସ୍ତକ ମେଳା ଆୟୋଜନ ପାଇଁ କୌଣସି ସ୍ପଷ୍ଟ ପ୍ରସ୍ତାବ ସରକାରଙ୍କ ତରଫରୁ ପ୍ରସ୍ତୁତ ହୋଇଛି କି ନାହିଁ । ଏଥାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ମାଧ୍ୟମରେ ପ୍ରସ୍ତାବ ଆସିଲେ ସଂସ୍କୃତି ବିଭାଗ ପକ୍ଷରୁ ପୁସ୍ତକ ମେଳା ଆୟୋଜନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । କିନ୍ତୁ ଏହି ଉତ୍ତରରେ ଜିଲ୍ଲାର ଜିଛି ପ୍ରମୁଖ ସାହିତ୍ୟିକ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନଙ୍କ କହିବା କଥା ହେଉଛି, ପ୍ରଶାସନିକ ପ୍ରତିପାଳନରେ ବାଲେଶ୍ୱରରେ ଏପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ଓ ପୂର୍ଣ୍ଣାଙ୍ଗ ଭାଷାଭିତ୍ତିକ ରାଜ୍ୟ ରୂପେ ଗଠିତ ହେବାରେ ଏହି ଜିଲ୍ଲାର ଅବଦାନ ଅନସ୍ୱୀକାର୍ଯ୍ୟ । ବାଲେଶ୍ୱରର ବୁଦ୍ଧିଜୀବୀ ଓ ସାହିତ୍ୟିକଙ୍କ ମଧ୍ୟରେ ଗାଳ୍ପିକ ଉଦୟ ନାରାୟଣ ଦାସ, ପୁରାତତ୍ତ୍ୱିକ ଡକ୍ଟର ରାଧା ରଞ୍ଜନ ପଟ୍ଟନାୟକ, କବି ଓ ସମ୍ପାଦକ କୃଷ୍ଣ କୁମାର ମହାନ୍ତି, କବି ଓ ପ୍ରବନ୍ଧକାର ଡକ୍ଟର କାଳିପଦ ପଣ୍ଡା, କବି ଓ ପ୍ରବନ୍ଧକାର ଅଭୟ ଦାସଙ୍କ ସମେତ ଅନ୍ୟାନ୍ୟ ଅନେକ ସାହିତ୍ୟିକ ଏବେ ଏହି ପ୍ରଶ୍ନର ପ୍ରଶାସନିକ ଆଗ୍ରହ ଓ ତତ୍ପରତାର ଦାବି କରିଛନ୍ତି । ସେମାନେ ସଂସ୍କୃତି ବିଭାଗକୁ ଏହି ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଜଣି ଆବଶ୍ୟକ ପରକ୍ଷେପ ନେଇ ବାଲେଶ୍ୱରର ସାହିତ୍ୟିକ ଐତିହ୍ୟକୁ ସମ୍ମାନ ଜଣାଇ ଏକ ସୁବ୍ୟବସ୍ଥିତ ପୂର୍ଣ୍ଣାଙ୍ଗ ପୁସ୍ତକ ମେଳା ଆୟୋଜନ କରିବାକୁ ଆହ୍ୱାନ କରିଛନ୍ତି । ସାହିତ୍ୟିକମାନେ କହିଛନ୍ତି ଯେ, ଏହି ପ୍ରଶ୍ନ କେବଳ ଏକ ମେଳା ଆୟୋଜନର ନୁହେଁ; ଏହା ଜିଲ୍ଲାର ସାଂସ୍କୃତିକ ମର୍ଯ୍ୟାଦା ସହ ସଂପୃକ୍ତ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସୁଦୃଢ଼ କରିବା ପାଇଁ ସାମୁହିକ ପ୍ରୟାସ ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି ।

ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର, ୨୨/୦୨ (ଆ.ପ୍ର) : ବାଲେଶ୍ୱର ଡାକକର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ବାଲେଶ୍ୱର ପ୍ରଧାନ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମବାୟ ସମିତିର ସଭାପତି ଅଭୟ ନାଗାଶଣ ଦାସ ସଭାପତିତ୍ୱ କରିଥିଲେ । ସମବାୟ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ ଜୀବନକୃଷ୍ଣ ଦାସ ଓ ପ୍ରାକ୍ତନ ବୋର୍ଡ଼ ସଦସ୍ୟ ସ୍ୱର୍ଗତ ଗୌରମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରିବା ପରେ ବାଲେଶ୍ୱର ଡାକ ଅଧୀକ୍ଷକ ତାପସ କୁମାର ଦାଶ ପ୍ରତୀପ ଜାଳି ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଡାକ ସମବାୟ ସମିତିର ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ୨୦୨୫-୨୬ର ବାର୍ଷିକ ବିବରଣୀ ଓ ଆୟବ୍ୟୟ ଆର୍ଥିକ ଅଡିଟର ଉପସ୍ଥାପନ କରିବାପରେ ତାହା ଅନୁମୋଦନ ଲାଭ କରିଥିଲା । ୨୦୨୨-୨୩ ଠାରୁ ଅଡ଼ିଟ୍ ହୋଇନାହିଁ ବୋଲି ସଂପାଦକ ପ୍ରକାଶ କରିବା ପରେ ଆଡି ସାଧାରାଣ ସଭାରେ ଭଳ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ଶୀଘ୍ର କାର୍ଯ୍ୟକରାଇନେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ସମସ୍ତ ସଭ୍ୟମାନଙ୍କୁ ସମବାୟ ସମିତିରୁ ଋଣ ନେଇ ସମିତିକୁ ଆଗୋଛ ନେବାପାଇଁ ଅନୁରୋଧ କରିଥିଲେ । ଏହି ସଭାରେ ଭଦ୍ରକ, ଜଳେଶ୍ୱର ଓ ବାଲେଶ୍ୱରର ବହୁ ସଭ୍ୟସଭ୍ୟା ଯୋଗ ଦେଇଥିଲେ । ବାଲେଶ୍ୱର ଡାକବିଭାଗର ଅଧୀକ୍ଷ ତାପସ କୁମାର ଦାସ, ଭଦ୍ରକ ପ୍ରାକ୍ତନ ଡାକ ଅଧୀକ୍ଷ ଶ୍ରୀ ବିଜୟ କୁମାର ମହାନ୍ତି, ସମ୍ବଲପୁରର ଡାକ ଅଧୀକ୍ଷ ବସନ୍ତ କୁମାର ସିଂହ, ବାଲେଶ୍ୱର ଏସ୍.ଆର.ପି.ଏସ୍ ଗୋପବନ୍ଧୁ ଦାସ, ବରିଷ୍ଠ ସଭ୍ୟ ନିରଞ୍ଜନ ରାଉତ, ଶ୍ରମିକନେତା ଗୌରାଙ୍ଗ ପଣ୍ଡିଗ୍ରାହୀ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପଢ଼ିଆରୀ ପ୍ରମୁଖ ମଞ୍ଚାସୀନ ହୋଇ ସମବାୟ ସମିତିର ଆର୍ଥିକ ଅବସ୍ଥାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ । ବାଲେଶ୍ୱର ସମବାୟ ସମିତିର ନିଜର କାର୍ଯ୍ୟ ଓ ସୁପରିଚାଳନା ପାଇଁ ବାଲେଶ୍ୱର ଜିଲ୍ଲା ସମବାୟ ସମିତି ଦ୍ୱାରା ୨୦୨୩-୨୪ ପାଇଁ ଦ୍ୱିତୀୟ ସ୍ଥାନ ଲାଭ କରି ଟ୍ରଫି ଓ ପ୍ରମାଣପତ୍ର ପାଇଛି ବୋଲି ସଂପାଦକ ସଭାରେ ସୂଚନା ଦେଇଥିଲେ । ସେଥିପାଇଁ ସମସ୍ତ ସଭ୍ୟ, ସଭ୍ୟା ଓ ମେନେଜ୍‌ମ୍ୟାଣ୍ଟ୍‌ଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଉତ୍ସବରେ ବରିଷ୍ଠ ସଦସ୍ୟ ନିରଞ୍ଜନ ରାଉତ ଓ ଏସ୍‌ଆରପିଏସ୍ ଗୋପବନ୍ଧୁ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ସେମାନଙ୍କର ମାନପତ୍ରକୁ ବୋର୍ଡ଼ର ସଭ୍ୟ ଜାଳିକ ଚନ୍ଦ୍ର ଦାସ ପାଠ କରିଥିବାବେଳେ ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପଢ଼ିଆରୀ, ହରିଛର ଭୂୟାଁ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ । ଏହି ବୈଠକରେ ୧୫ଜଣ ବୋର୍ଡ଼ ସଭ୍ୟ, ସଭ୍ୟା ଯୋଗ ଦେଇଥିଲେ । ଜାଳିକ ଚନ୍ଦ୍ର ଜାନା, ଗାଜେନ୍ଦ୍ର କୁମାର ମଲ୍ଲିକ, ଆଶୁତୋଷ ଜେନା, ବୁଧିରାମ ସିଂହ, ଜୟଦେବ ପରିଡ଼ା, ପ୍ରସନ୍ନ କୁମାର ବିଶ୍ୱାଳ, ରବୀନ୍ଦ୍ର କୁମାର ସାହୁ, ଗଦାଧର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଭାତ କୁମାର ପଣ୍ଡା, ମନୋଜ କୁମାର ମଲ୍ଲିକ, ଦ୍ୱିପାୟନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସମିତିର ଉପସଭାପତି ଉତ୍ପଳା ଦ୍ୱିବେଦୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଅଲଚିକି ଭାଷା ଶିକ୍ଷକଙ୍କୁ ରାଷ୍ଟ୍ରପତିଙ୍କର ସମ୍ବର୍ଦ୍ଧନା

ବାଲିଆପାଳ, ୨୨/୦୨ (ଆ.ପ୍ର) : ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ନୂଆ ଦିଲ୍ଲୀ ସ୍ଥିତ ଡ଼ ଭୀମ ରାଓଆମ୍ବେଦକର ସଭାଗାରରେ ସମ୍ବାଦୀ ଭାଷା ବ 'ଅଲଚିକିକ' ଲିପିର ଶତବାର୍ଷିକୀ ସମାରୋହ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ପିରାଇ ପ୍ରାଥମିକ ସରକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାଶୀନ ମୁର୍ମୁଙ୍କୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧନା କରିଛନ୍ତି । ଶ୍ରୀ ମୁର୍ମୁ ଭଣେ ଏକାଧାରରେ ଶିକ୍ଷକ, ସମାଜସେବୀ ଏବଂ ନିଜର ମାତୃଭାଷା ଅଲଚିକିର ପ୍ରଚାର ପ୍ରସାର କରି ଆଦିବାସୀ ସାନ୍ତାଳୀ ସମାଜର ଜନ ମାନସରେ ବିଭିନ୍ନ ଦିଗରେ ବିପ୍ଳବସୃଷ୍ଟି ଦେଇ ଅଲଚିକି ଲିପିର ଶିକ୍ଷାକୁ ଲୋକପ୍ରିୟ ରଖିବାର ପ୍ରୟାସ କରୁଥିବାରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଶ୍ରୀ ମୁର୍ମୁ ୨୦୦୧ ମସିହାରୁ ରାଇରଙ୍গପୁର ଠାରେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହା ବ୍ୟତୀତ ଦୀର୍ଘ ୨୬ ବର୍ଷ ଧରି ଡିଗିରିପାଡ଼ି ଠାରେ ଥିବା ଅଲଚିକି ଅନୁଷ୍ଠାନରେ ଛୁଟି ଦିନ ମାନଙ୍କରେ ଶିକ୍ଷାଦାନ କରନ୍ତି । ଏହି ସଫଳତା ସତ୍ତ୍ୱେ କରିବା ପରେ ତାଙ୍କ ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଫତେଗଡରୁ ନୟାଗଡକୁ ସଂଯୋଗ କରୁଥିବା ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦାବି

ଖଣ୍ଡପଡା, ୨୨/୦୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ସଦର ମହକୁମାରୁ ଖଣ୍ଡପଡ଼ା ଦେଇ ଭାପୁର ଓ ଫତେଗଡ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଟିକୁ ରାଜ୍ୟ ରାଜପଥର ମାନ୍ୟତା ପ୍ରଦାନ ନିମନ୍ତେ ରାଜ୍ୟ ସରକାର କୃଷି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ପୂର୍ତ୍ତବିଭାଗ ଅଧୀନରେ ଥିବା ଏହି ରାସ୍ତାର ଦୂରତ୍ୱ ୩୮ କିଲୋମିଟରେ ହୋଇଥିବା ବେଳେ ଗତ ୧୦ ବର୍ଷ ଧରି ଉକ୍ତ ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ପରିଗଣିତ ହେଉଛି । ଦୈନିକ ଶହଶହ ସଂଖ୍ୟାରେ ଯାନବାହନ ଓ ଯାତ୍ରୀବାହୀ ବସ ଉକ୍ତ ରାସ୍ତାରେଚଳାଚଳ କରୁଛି । ସମୟାନୁକ୍ରମେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବୃଦ୍ଧି ପାଇବାରେ ଲାଗିଛି । ସେହି ରାସ୍ତାରେ ଅବସ୍ଥିତ ଭାପୁର ଓ ବାହାଡା ବଜାରରେ ରାସ୍ତା ପାର୍ଶ୍ୱ ଦୋକାନୀମାନେ ଯୋଗୁଁ ସବାଦର୍ଦ୍ଦୀ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ସହ ରାସ୍ତାଟିକୁ ରାଜ୍ୟ ରାଜପଥର ମାନ୍ୟତା ପ୍ରଦାନ କରାଗଲେ ଅଂଚଳବାସୀ ଓ ଏ ଅଂଚଳକୁ ବର୍ଷ ତମାମ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ବେଶ ଉପଯୁକ୍ତ ହୋଇ ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ପ୍ରକାଶଥାଉକି ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତାର ଜନ୍ମିତିକରଣ ଦିଗରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ଫତେଗଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିର ଠାରୁ ଆରମ୍ଭ କରି ଜରନ୍ତାଥ ସଂସ୍କୃତିର ଆଦିପୀଠ ପ୍ରଭୁ ଶ୍ରୀ ଜୀବନାଧବ କ୍ଷେତ୍ର ଓ ସିଧାମୂଳା ଗ୍ରାମସ୍ଥିତ ଶ୍ରୀ ଗୋକୁଳାନନ୍ଦଜୀଙ୍କ ପୀଠ, କଂଶିଲା ନିକଟସ୍ଥ ମା ନାରାୟଣୀଙ୍କ ପୀଠକୁ ବର୍ଷେ ତମାମ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟୁଥିବା ବେଳେ ସମସ୍ତ ପର୍ଯ୍ୟଟକ ଫତେଗଡରୁ ଭାପୁର ଓ ଖଣ୍ଡପଡ଼ା ଦେଇ ଯାତାୟାତ କରିଥାନ୍ତି । ସେହିପରି ଭାପୁର, ଖଣ୍ଡପଡା ଓ ଗଣିଆ ପରି ୩ ଟି ବ୍ଲକ ଅଂଚଳର ଜନସାଧାରଣଙ୍କ ଯାତାୟତ ନିମନ୍ତେ ଏହି ରାସ୍ତାଟି ଲାଇଫ ଲାଇନ ରାସ୍ତା ଭାବେ ବେଶ ଜଣାଶୁଣା ଅଟେ । ରାଜ୍ୟ ସରକାର ଏହି ରାସ୍ତାଟିକୁ ରାଜ୍ୟ ରାଜପଥର ମାନ୍ୟତା ପ୍ରଦାନ କଲେ ଯାତାୟାତର କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ପୁଣି ଓଡ଼ିଶାକୁ ଧସେଇ ପଶିଲା ପଶ୍ଚିମବଙ୍ଗ

ଭୋଗରାଇ, ୨୨/୦୨ (ଆ.ପ୍ର) : ପଶ୍ଚିମବଙ୍ଗ ସରକାରର ବଦଳ ଗିରି ଦିନକୁ ଦିନ ବଢ଼ିଚାଲିଛି । ଦିନ ଦିପହରେ ଓଡିଶା ସୀମା ଭିତରକୁ ଧସେଇ ପଶି ବେଆଇନ ଭାବେ ନିର୍ମାଣ କରୁଛି ରାସ୍ତା । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଓଡିଶା ପଶ୍ଚିମବଙ୍ଗ ସୀମା ସାହାଡାଦିପୁର ନିକଟରେ ଭରତେଜନା ଲାଗିରହିଛି । ସେପରେ ପଶ୍ଚିମବଙ୍ଗକୁ ଯାଆନ୍ତା ବା ଦେଆଇନ ବାଲି ଗାଡି ଜବତ କରି ଚାଳସାରି ଥାନାରେ ଅଟକ ରଖିଛନ୍ତି । ତେବେ ବ୍ଲକ ଓ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁ ଓଡିଶା ସମ୍ପତ୍ତି ଉପରେ ପୋଡ଼ିଶାଗ ପଶ୍ଚିମବଙ୍ଗର ନଜର ପଡ଼ିଛି । ଦିନ ୫୭ ନମ୍ବର ରାଜ୍ୟ ରାଜପଥ ସାହାବାଜିପୁର ନିକଟରେ ପଡ଼େ।ଶ୍ରୀ ପଶ୍ଚିମବଙ୍ଗ ଓଡ଼ିଶା ରାସ୍ତାକୁ ଭାଙ୍ଗି ପଶୁଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରି କାର୍ଯ୍ୟଟି ବନ୍ଦ କରିଛନ୍ତି । ଭୋଗରାଇ ପ୍ରଶାସନ ଘଟଣା ସ୍ଥଳରେ ପହଂଚି ରୁଲର ମେସିନକୁ ଜବତ କରିବା ସହ ବେଆଇନ ବାଲି ଗାଡି ଜବତ କରି ଚାଳସାରି ଥାନାରେ ଅଟକ ରଖିଛନ୍ତି

ସମ୍ବାଦକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଉତ୍ତରଣ

ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହূର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୁଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି । ପ୍ରକୃତ ପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହূର୍ତ୍ତ ସର୍ବସ୍ୱ ମନସ୍ତିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଳମ୍ବିତ ସୁଗସର୍ବସ୍ୱ ମନୋଦୃଷ୍ଟି ଆଜି ଚିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ପମ୍ପା ମୂଲ୍ୟବୋଧର ଜରୁରୀକ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱାକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଯିବାରେ । ଭୋଗବର୍ଦ୍ଧସ୍ୱ ମନୋଦୃଷ୍ଟି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମଷ୍ଟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖୁଜ ବିଶ୍ୱକୁ ଭୟେଷା କରିଚାଲିଛି । ଏ ପରିପ୍ରେକ୍ଷୀରେ ଜହିରେଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ ଶ୍ରାସ୍ତିଷ୍ଠ ପଥରେ ଗତି କରୁଛି । ଦିନେ ଜଘନିଷ୍ଠସମ୍ଭାର ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ ଜାର୍ଯ୍ୟ ସମ୍ପାଦନ ଦିନରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂଜଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ । ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁର୍ବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ ।

ମହାପ୍ରଭୁଙ୍କ ଚାଚେରୀ ବେଶ ଓ ନୀତି

॥ କବୀର କୁମାର ଜେନା ॥

ଲୀଳାମୟ ମହାପ୍ରଭୁଙ୍କ ବାରମାସରେ ତେର ପର୍ବ । ଶ୍ରୀ ମନ୍ଦିରରେ ବିଭିନ୍ନ ନୀତିକାନ୍ତି ଭିତରେ ଅନ୍ୟତମ ପରମ୍ପରାର ଉତ୍ସବ ହେଉଛି ଦୋଳଯାତ୍ରା ବା ବସନ୍ତ ଉତ୍ସବ । ଏହି ଉତ୍ସବର ବଡ଼ କଥା ହେଉଛି ବସନ୍ତ ଋତୁର ଆଗମନ ହୋଇଥାଏ । ଆମେ ସମସ୍ତେ ବସନ୍ତ ଋତୁକୁ ଋତୁ ଶ୍ରେଷ୍ଠ ବା ଋତୁରାଜ ବସନ୍ତ କହିଥାଉ । ଫଗୁଣ ମାସର ଶୁକ୍ଳ ବଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଗରୁଡ଼ିଂଘାସନରେ ଶ୍ରୀଜାଙ୍କର ଅପୂର୍ବ ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ । ଚାଚେରୀ ଶବ୍ଦ ସ୍ୱାଭାବିକ ଭାବେ ଏକ କୌତୂହଳ ସୃଷ୍ଟି କରିଥାଏ । ଗରୁଡଶଣ୍ଡାଳଙ୍କ ତଥ୍ୟ ଅନୁଯାୟୀ ଦ୍ୱିପ୍ରହର ଧୂପ ନୀତି ପରେ ଶ୍ରୀଜାଙ୍କର ଶ୍ରୀଅଙ୍ଗରେ ଫଗୁ ଲାଗି ହୋଇଥାଏ । ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ମହାପ୍ରଭୁଙ୍କ ବେଶ ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳି ପ୍ରାପ୍ତ ହେବା ପରେ ସୁସଜ୍ଜିତ ବିମାନରେ ବିଜେ ହୋଇଥାନ୍ତି ଓ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରିଥାନ୍ତି । ଶ୍ରୀ ଜାଙ୍କର ବସ୍ତ୍ର ଲାଲ ବର୍ଣ୍ଣର ହୋଇଥାଏ । ମହାପ୍ରଭୁଙ୍କ ନଳୀ ଭୂଜରେ ଶଙ୍ଖଚକ୍ର ଓ ବଳଭଦ୍ରଙ୍କ ନଳୀ ଭୂଜରେ ହଳଷ ମୁଷଳ ଖୋଦିତ ହୋଇଥାଏ । ଶ୍ରୀଜାଙ୍କର ଚାଚେରୀ ବେଶ ଅପୂର୍ବ ମନୋରମ ଭାବ ପ୍ରକଟିତ କରିଥାଏ । ଶ୍ରୀଜାଙ୍କର ଏହି ଚାଚେରୀ ବେଶ ସମୟରେ ଏହି ଅଳଙ୍କାର ଗୁଡ଼ିକ ହେଉଛି କୁଣ୍ଡଳ, ଚନ୍ଦ୍ରିକା, ତାବିଜମାଳି, ଓଡ଼ିଆଣୀ ଓ ଅଂଟାରେ ଅଂଟାପୋଟି ଲାଗି ହୋଇଥାଏ । ନୀତି ଅନୁଯାୟୀ ଚାଚେରୀ ବେଶ ସନ୍ଧ୍ୟା ଧୂପ ପରେ ଓହୁଲା ଦିଆଯାଏ । ଚାଚେରୀ ବେଶର ସ୍ୱତନ୍ତ୍ରତା ହେଉଛି ଶ୍ରୀଜାଙ୍କର ଖାଇଜୋଗା ଭୋଗ । ଭୋଗ ଲାଗି ହେବାପରେ ମହାପ୍ରଭୁଙ୍କ ବାଡ଼ରେ ସିନ୍ଦୁର, ଚନ୍ଦନ, ଫଗୁ ଓ ପ୍ରସାଦ ଅର୍ପଣ ପୂର୍ବକ ବଜାଇଦା ହୋଇ କର୍ପୂର ଆରତି ପ୍ରଦାନ କରାଯାଏ । ପରମ୍ପରାର ନୀତିକାନ୍ତି ଅନୁଯାୟୀ ଚଳନ୍ତି ପୁରୀମାଙ୍କର ନିଜସ୍ୱ ଜଗନ୍ନାଥ ବଲ୍ଲଭ ମଠକୁ ଗମନ ହୋଇଥାଏ । ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଭୋଗ ଓ ନୀତି କାର୍ଯ୍ୟକ୍ରମ ପରେ ଶ୍ରୀମନ୍ଦିରକୁ ଆଗମନ ହୋଇଥାଏ । ଶ୍ରୀମନ୍ଦିରରେ ଥିବା ଦକ୍ଷିଣ ଘରକୁ ଦୋଳଗୋବିନ୍ଦ ବିଜେ ହୋଇଥାନ୍ତି । ଏହି ସମୟରେ ଯେଉଁ ପ୍ରସାଦ ଅର୍ପଣ ହୋଇଥାଏ ସେଗୁଡ଼ିକ ହେଉଛି ଖୁଣ୍ଡି, ଆରିସା, ମରିଚ ଲଡୁ ଇତ୍ୟାଦି । ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଦୋଳଗୋବିନ୍ଦ ଚାଚେରୀ ଭ୍ରମଣରେ ଯାତ୍ରା କରିଥାନ୍ତି । ମହାପ୍ରଭୁଙ୍କ ଚାଚେରୀ ନୀତି ଏକ ଅପୂର୍ବ ବେଶ ପରିପାଟୀ ଓ ନୀତିକାନ୍ତି ଭିତରେ ସମ୍ପନ୍ନ ହୋଇଥାଏ । ଉତ୍କଳର ବସନ୍ତର ଆଗମନ ସମୟରେ ମହାପ୍ରଭୁ ଭକ୍ତଙ୍କ ଉଦ୍ଦେଶରେ ଚାଚେରୀ ନୀତି ମାଧ୍ୟମରେ ଭକ୍ତଗଣଙ୍କ ଭିତରେ ରଙ୍ଗ ଓ ଉତ୍ସବ ଅପୂର୍ବ ସମ୍ପନ୍ନ ସୃଷ୍ଟି କରିଥାନ୍ତି । ଏହି ଚାଚେରୀ ନୀତିରେ ମୁଦିରସ୍ତ ସେବକଙ୍କ ସେବା ଗୁରୁତ୍ୱପୂର୍ଣ୍ଣ । ଶ୍ରୀମନ୍ଦିରରେ ବସନ୍ତ ଉତ୍ସବ ଭାବରେ ପରିଚିତ ଏହି ଚାଚେରୀ ନୀତିରେ ଚାଚେରୀ ଖେଳ ମୁଦିରସ୍ତ ହିଁ ନୀତି ସମ୍ପନ୍ନ କରନ୍ତି । ଶ୍ରୀଜାଙ୍କର ଆଜ୍ଞାମାଳ ପରେ ବିମାନରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦଙ୍କୁ ଧରି ଏହି ଖେଳ ଅନୁଷ୍ଠିତ ହୋଇଥାଏ । ମହାପ୍ରଭୁଙ୍କ ସମସ୍ତ ବାର୍ଷିକ ନୀତିକାନ୍ତି ଓ ନିୟମିତ ପୂଜା ପାର୍ବଣ ସହ ବସନ୍ତ ଋତୁର ଯାତ୍ରାକୁ ସମସ୍ତେ ଫଗୁଣ ମାସ ଭାବେ ଜାଣନ୍ତି ଏହି ଚାଚେରୀ ନୀତି ଦର୍ଶନ କରିବା ପାଇଁ ଭକ୍ତଜନଙ୍କ ଶ୍ରୀମନ୍ଦିରରେ ଗହଳି ହୋଇଥାଏ । ମହାପ୍ରଭୁଙ୍କୁ ଶ୍ରୀଗୋବିନ୍ଦ ଭାବରେ ବର୍ଣ୍ଣକୁ ଧରେ ଏହି ଅବସରରେ ଦର୍ଶନ ମିଳିଥାଏ ।

ଆଳନଚାବୀ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୪୩୭୬୭୪୯୯୦

ଅର୍ଥ କବଳିତ ଗଣତନ୍ତ୍ର

॥ ଅଧ୍ୟାପକ ଗୋପବନ୍ଧୁ ॥

ଗଣତନ୍ତ୍ର ଏକ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ଚେତନାକୁ ଜାତ ମାନବୀୟ ବ୍ୟବସ୍ଥା । ଯେଉଁ ବ୍ୟବସ୍ଥା ଅନିୟନ୍ତ୍ରିତ ସଂଖ୍ୟାଧିକ ମତ ବା ସମର୍ଥନ ଉପରେ ନିର୍ଭରଶୀଳ । ସାମାଜିକ ଜୀବନରେ ମଧ୍ୟ ଏହା ପ୍ରତିଫଳିତ ହୁଏ । ସଂଖ୍ୟାଧିକ ଲୋକ ଯେଉଁ ବିଷୟକୁ ସମର୍ଥନ କରନ୍ତି ତାହା ସର୍ବମାନ୍ୟ ସାମାଜିକ ନିୟମ ହୁଏ । ତେବେ ଗଣତନ୍ତ୍ର ଶବ୍ଦକୁ ଶାସନ ବ୍ୟବସ୍ଥାର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ବ୍ୟବହାର କରାଯାଏ । ଆଧୁନିକ ରାଜନୀତିର ଏହା ସର୍ବାଦୃତ ଶାସନ ବ୍ୟବସ୍ଥା । ରାଜନୀତିରେ ଏହା ସଂଖ୍ୟାଧିକର ଶାସନ ବ୍ୟବସ୍ଥାକୁ ବୁଝାଏ । ଏହି ସଂଖ୍ୟାଧିକ ଆକଳନରେ ବ୍ୟକ୍ତିର ମୁକ୍ତ ଓ ସ୍ୱେଚ୍ଛାକୃତ ସମର୍ଥନ ରହିବା ଆବଶ୍ୟକ । ସଂଖ୍ୟାଧିକତାର ପ୍ରଦର୍ଶନ ପାଇଁ ବ୍ୟକ୍ତି ଭପରେ ଚାପ ପ୍ରୟୋଗ ଅଥବା ପ୍ରଲୋଭନ ଆଗେଟି ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ନୁହେଁ । ବ୍ୟକ୍ତିଙ୍କୁ ଭୟଭୀତ କରାଇ ସମର୍ଥନ ଯୋଗାଡ କରିବା କିମ୍ବା ପ୍ରଲୋଭନ ଦେଇ ସମର୍ଥନ ହାସଲ କରିବା ଗଣତାନ୍ତ୍ରିକ ଆଧାର ନୁହେଁ । ଏପରି ଶେତ୍ରରେ ବ୍ୟକ୍ତି ନିଜ ବିବେକ ମୁତାବକ ନିଜ ମତକୁ ଉପସ୍ଥାପନ କରିପାରେ ନାହିଁ ।

ଭାରତୀୟ ଗଣତନ୍ତ୍ରରେ କ୍ରମେ ଅର୍ଥର ପ୍ରଭାବ ବଢିବାରେ ଲାଗିଛି । ଏ କଥା ସମସ୍ତଙ୍କୁ ଜଣା ଯେ ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚ ସୀମା ଯାହା ନିର୍ଦ୍ଧାରଣ କରିଛନ୍ତି ତାଠାରୁ ବହୁ ଅଧିକ ପରିମାଣର ଟଙ୍କା ଖର୍ଚ୍ଚ କରାଯାଇଛି । ବିପୁଳ ପରିମାଣର କଳା ଟଙ୍କା ବ୍ୟବହାର ହେଉଛି । ଏହି ଟଙ୍କା ମୁଖ୍ୟତଃ ଭୋଟର ମାନଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହେଉଛି । ପ୍ରଲୋଭନ ଲୋଭିଭାତ ଆୟୋଜନ, ଉପହାର ପ୍ରଦାନ ଅଥବା ମଦମାଂସ ଆପ୍ୟାୟନ ମଧ୍ୟରେ ସୀମିତ ନୁହେଁ । ଏବେ ସିଧାସଳଖ ମୁଣ୍ଡପିଛା ଅର୍ଥ ବଂଟନକୁ କଥା ଆସିଯାଇଛି । ଦେଶରେ ଅବାଧ ଓ ପ୍ରଲୋଭନ ମୁକ୍ତ ନିର୍ବାଚନ ଆୟୋଜନର ବ୍ୟବସ୍ଥା ରହିଛି । ଏହାର ତଦାରଖ ପାଇଁ ପ୍ରଶାସନ ବିଭାଗକୁ ତତ୍ପର ରଖାଯାଏ । ଉଡାପି ଆଲୁଆଳରେ ସବୁକିଛି ଚାଲେ । ଏଦିଗରେ ପ୍ରଶାସନ କଣବା କରିପାରିବେ ନାଗରିକମାନେ ଯଦି ସଚେତନ ନହୁଅନ୍ତି ଓ ଏପରି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆଗଭଉ ନହୁଅନ୍ତି । ଏ ପ୍ରକ୍ରିୟାକୁ ରୋକିବା ପାଇଁ ମିଳିତ ଉଦ୍ୟମ ଲୋଡ଼ା । ଏବେବି ଅବସ୍ଥା ଆହୁରି ସଙ୍ଗୀନ, ନିର୍ବାଚନ ସମୟରେ ରାଜ୍ୟସରକାରମାନେ ବିଭିନ୍ନ ଯୋଜନା ମାଧ୍ୟମରେ ଟଙ୍କା ବାଣ୍ଟୁଛନ୍ତି ।

ଦେଖାଯାଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଉଛି । ଶାସନ ବ୍ୟବସ୍ଥାକୁ ନିଜ ଅନୁକୂଳ କରିବା ପାଇଁ ଏମାନେ ବିପୁଳ ପରିମାଣର ଅଘୋଷିତ ଟାକା ରାଜନୈତିକ ଦଳମାନଙ୍କୁ ଦିଅନ୍ତି । ଏହା ସହିତ ବିଭିନ୍ନ ସୂତ୍ରରୁ ଆସୁଥିବା କଳାଟଙ୍କା ମଧ୍ୟ ନିର୍ବାଚନରେ ନିୟୋଜିତ ହୁଏ । ଏ ସମସ୍ତ ଟଙ୍କା ଭୋଟରମାନଙ୍କୁ ବିଭିନ୍ନ ଆକରେ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହୁଏ । ଠାଏଁ ଠାଏଁ ଲୋଭି ଦିଆଯାଏ, ମଦମାସ ବଂଟାଯାଏ, ବିଭିନ୍ନ ପ୍ରକାର ଜିନିଷ ବିତରଣ କରାଯାଏ, ଶେଷରେ ନିର୍ବାଚନ ପୂର୍ବ ରାତିରେ ମୁଣ୍ଡ ଗଣତିରେ ଟଙ୍କା ବଂଟାଯାଏ । ଅତୀତରେ ଏହା ଏକ ହଜାରରୁ ଦୁଇ ହଜାର ଟଙ୍କା ମଧ୍ୟରେ ଥିଲା । ଆଗାମୀ ନିର୍ବାଚନରେ ଏହା କେତେ କରୁଛି ଦେଖିବାକୁ ହେବ । ଯେଉଁମାନେ ରାଜନୈତିକ ଦଳମାନଙ୍କୁ ଏତେ ପରିମାଣରେ ଟାକା ଉଭୟ ଘୋଷିତ ଓ ଅଘୋଷିତଭାବେ ଦିଅନ୍ତି, ସେମାନେ ଏହା ମନକୁ ଦିଅନ୍ତି ନାହିଁ । ବଦଳରେ ସେମାନେ ନିର୍ବାଚନ ପରେ ତାଙ୍କ ଅନୁକୂଳ କିଛି ଲାଭଦାୟକ ଯୋଜନା ଆଶା କରନ୍ତି । ସେମାନେ ସରକାରଙ୍କଠାରୁ ଅନୁକମ୍ପା ଲାଭ କରିବାକୁ ଚେଷ୍ଟା କରନ୍ତି । ତାଙ୍କ ଟଙ୍କାରେ ନିର୍ବାଚନ ଲଢ଼ିଥିବା ସରକାର ଓ ପ୍ରାର୍ଥୀମାନେ ତାଙ୍କ କଥା ମୁତାବକ ଏପରି କରିବାକୁ ବାଧ୍ୟ ହୁଅନ୍ତି । ଫଳରେ ରାଜନୈତିକ ଛତ୍ରଛାୟା ତଳେ ପୁଞ୍ଜିବାଦ ବଢୁଛି । ଖୁବ୍ ଶୀଘ୍ର ଏହା ଗଣତନ୍ତ୍ରକୁ ଗ୍ରାସ କରାଯିବାର ସମ୍ଭାବନା ରହିଛି ।

ନିର୍ବାଚନ ଏବେ ଏତେ ଖର୍ଚ୍ଚବହୁଳ ହୋଇଯାଇଛି ଯେ ଆର୍ଥିକଭାବେ ଦୁର୍ବଳ ଲୋକମାନେ ପ୍ରତିଦ୍ୱନ୍ଦ୍ୱିତା କରିବା ସମ୍ଭବପର ନୁହେଁ । ଏବେ ସଂଖ୍ୟାଧିକ କୋଟିପତି ଲୋକପ୍ରତିନିଧି ହେଉଥିବାର ଦେଖାଯାଉଛି । ଓଡ଼ିଶାରେ ୧୦୭ ଜଣ କୋଟିପତି ବିଧାୟକ ବଳିଛନ୍ତି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସଂସଦରେ ମଧ୍ୟ ସମାନ ଅବସ୍ଥା । ଜାଉଣ ଏମାନେ ନିର୍ବାଚନରେ ବିପୁଳ ପରିମାଣର ଅର୍ଥ ବ୍ୟୟ କରିପାରନ୍ତି । ଏମାନଙ୍କୁ ବିଭିନ୍ନ ରାଜନୈତିକ ଦଳରୁ ଟିକେଟ ମିଳେ । ଅନ୍ୟ ପକ୍ଷରେ ରାଜନୈତିକ ଦଳମାନେ ସେହି ଲୋକମାନଙ୍କୁ ଟିକେଟ ଦିଅନ୍ତି ଯେଉଁମାନଙ୍କ ନିକଟରେ ଟଙ୍କା ଅଛି । ଦେଖାଯାଉଛି ଆମ ଗଣତନ୍ତ୍ର କ୍ରମେ ଏକତରଫା ଭାବେ ଧନୀମାନଙ୍କ ହାତକୁ ଚାଲିଯାଉଛି । ଜଣେ ଗରୀବ ଲୋକର ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାରେ କୌଣସି ସ୍ଥାନ ନାହିଁ । ସେ କେବଳ ଭୋଟଦେବ । ପ୍ରତିନିଧିତ୍ୱ କରିବାର କ୍ଷମତା ତା ପାଖରେ ନାହିଁ । ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯାହା ସମସ୍ତଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଏ । କିନ୍ତୁ ଦେଖାଯାଉଛି ପ୍ରଚଳିତ ବ୍ୟବସ୍ଥା ଧନୀକ ବର୍ଗ ପାଇଁ ଅନୁକୂଳ ହେଉଛି ଏବଂ ଗରିବଙ୍କ ପାଇଁ ପ୍ରତିକୂଳ ।

ଏବେ ଗଣତନ୍ତ୍ରକୁ ଧନତନ୍ତ୍ର ଗ୍ରାସ କରିବାକୁ ବସିଛି । ଗଣତନ୍ତ୍ରର ମୂଳ ଆଧାର ବିବେକାନୁମୋଦିତ ସମର୍ଥନ ଲୋପ ପାଉଛି । ବିବେକ ସ୍ଥାନରେ ପ୍ରଲୋଭନ ଅନୁମୋଦିତ ସମର୍ଥନ ଆସିଯାଇଛି । ଯିଏ ଅଧିକ ଦେବ ତାକୁ ସମର୍ଥନ ଅବସ୍ଥା ଆସିଯାଇଛି । ତେବେ ସମସ୍ତେ ଯେ ପ୍ରଲୋଭନର ବଶବର୍ତ୍ତୀ ହୋଇ ଭୋଟ ଦିଅନ୍ତି ଏହା ସତ୍ୟ ନୁହେଁ । ଏବେବି ଅନେକ ନାଗରିକ ଅଛନ୍ତି ଯେଉଁମାନେ ନିଜ ଆକଳନରେ, ନିଜ ବିବେକର ଡାକରାରେ ଭୋଟ ଦିଅନ୍ତି । ଆମ ଗଣତନ୍ତ୍ରକୁ ପ୍ରଲୋଭନ ମୁକ୍ତ କରିଲେ କ୍ରମେ ଏହା ବିସ୍ତାର ଲାଭ କରେ । ଗଣତନ୍ତ୍ର ସ୍ଥାନରେ ଧନତନ୍ତ୍ର ସ୍ଥାପିତ ହେବ । କେବଳ ଧନୀମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ଓ ଗରିବମାନେ କେବଳ ଭୋଟ କରେଇ ସୀମିତ ରହିଯିବେ । ଭୋଟଦାତାମାନଙ୍କୁ ପ୍ରଲୋଭିତ କରିବା ପାଇଁ ବିପୁଳ ଟଙ୍କାର ଆବଶ୍ୟକତା ପଡୁଛି । ଟଙ୍କାର ବହୁଳ ପ୍ରୟୋଗ ନିଷେଧ ନିର୍ବାଚନ ପାଇଁ ବିପଦ । ଏହାକୁ ରୋକାଯିବା ଅତ୍ୟନ୍ତ ଜରୁରୀ ।

ଅନେକ ରାଷ୍ଟ୍ରରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସରକାର ବହନ କରନ୍ତି । ଭାରତବର୍ଷରେ ମଧ୍ୟ ଏପରି ପ୍ରସ୍ତାବ ଆଗରୁ ଆସିଛି । ଏଥିପାଇଁ ପ୍ରଚାର ପ୍ରକ୍ରିୟାରେ ପରିବର୍ତ୍ତନ ଲୋଡା । ଏବେ ପ୍ରାର୍ଥୀମାନେ ମନଇଚ୍ଛା ବେନର ଲଗାଇବା, ପୋଷ୍ଟର ଲଗାଇବା, ପ୍ରଚାର ପତ୍ର ବାଂଟିବା, କାନ୍ଥରେ ଲେଖିବା, ସଭା ସମିତିର ଆୟୋଜନ କରିବା ଇତ୍ୟାଦି ଜପରେ ଲଗାମ ଲାଗିବା ଉଚିତ । ଏ ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗ ବହନ କରିବା ଉଚିତ୍ । ବିଭିନ୍ନ ସ୍ଥାନରେ ପ୍ରାର୍ଥୀମାନଙ୍କ ସାମୂହିକ ବେନର, ଅର୍ଥାତ ସମସ୍ତଙ୍କ ଫୋଟ ଓ ନାମ ଥାଇ ଗୋଟିଏ ବେନର ମାରିବା, ସମସ୍ତଙ୍କୁ ନେଇ ଗୋଟିଏ ବିତର୍କ ସଭାର ଆୟୋଜନ କରିବା, କିଏ କଣ କରିବାକୁ ଚାହୁଁଛନ୍ତି ଏହାକୁ ଜଣାଇବା ପାଇଁ ଜଣେ ପ୍ରାର୍ଥୀଙ୍କ ଗୋଟିଏ ପ୍ରଚାରପତ୍ର ଛାପିବା ଏବଂ ସାଧାରଣ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମସ୍ତଙ୍କୁ ସମାନ ଅର୍ଥ ପ୍ରଦାନ କରିବା, ଏହା ଛଡ଼ା ରାଜନୈତିକ ଉଦ୍ଦେଶ୍ୟରେ ଅୟୋଜିତ ଭୋଜିଭାତ, ମଦମାସ, ବାହନପହାର ସବୁପରି ଟଙ୍କା ବଂଟମକୁ ଦୃଢ଼ଭାବେ ନିୟନ୍ତ୍ରଣ କରାଯିବା ଉଚିତ୍ । ଏକ ଶୁଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ସମସ୍ତ ମହଲରୁ ଚେଷ୍ଟା ଦେବା ଉଚିତ୍ ।

ପ୍ରକୃତ ଗଣତନ୍ତ୍ରକୁ ସ୍ଥାପନ କରିବାକୁ ହେଲେ ଏଥିରେ ହେଉଥିବା ପ୍ରଚୁର ଅର୍ଥ କାରବାରକୁ ରୋକିବାକୁ ହେବ । ଆମ ଗଣତନ୍ତ୍ରକୁ ଅର୍ଥବର୍ଚସ୍ୱ ପ୍ରଚାରମୁଖୀ ନଜରି ବିତର୍କ ସର୍ବସ୍ୱ ଚେତନାମୁଖୀ କରିବାକୁ ହେବ । ନିର୍ବାଚନ ପ୍ରକ୍ରିୟାକୁ ଏପରି ଡିଆରି କରିବାକୁ ପଡିବ ଯେଉଁପରି ଜଣେ ଗରୀବ ଓ ପାରଦର୍ଶୀ ଲୋକ ସମତାଳ ହେଇ ନିର୍ବାଚନ ଲଢି ପାରିବ । ବିଜ୍ଞ, ପାରଦର୍ଶୀ ଓ ପ୍ରତିଭାଶାଳୀ ଲୋକମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ । ନିର୍ବାଚନରେ ଶ୍ରେଷ୍ଠତାର ଚୟନ ହେବ ।

ବାଲିପଡା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

ଅଙ୍କ ମାନସ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ପିଲାଦିନେ

ଆରମ୍ଭ

SEITHO ARAMBHA

ସୋମବାର, ୨୩ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ସାମ୍ବାଦିକଙ୍କୁ ମରଣାତ୍ମକ ଆକ୍ରମଣ ପ୍ରତିବାଦରେ ଏସୟୁଜେ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ

ଜଗତସିଂହପୁର, ୨୨/୦୨ (ଆ.ପ୍ର) : ସମଗ୍ର ରାଜ୍ୟରେ ସାମ୍ବାଦିକ ମାନଙ୍କୁ ଅସାମାଜିକ ଏବଂ ମାଫିଆ ମାନଙ୍କ ଦ୍ୱାରା ମରଣାତ୍ମକ ଆକ୍ରମଣ, ପୋଲିସ ରେ ମିଛ ମାମଲା ଇତ୍ୟାଦି ବଢ଼ି ଚାଲିଛି । ଓଡ଼ିଶା ସରକାର ସାମ୍ବାଦିକ ମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ କରିବା ନିମନ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଦିନ କୁ ଦିନ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଲାଗରେ ଆଙ୍ଗୋଷ୍ଠ ମୂଳକ ପରଦେଖେ ସହିତ ଆକ୍ରମଣ ବୃଦ୍ଧି ପାଉଚାଲିଛି । ଗତ ତା ୧୯/୨/୨୬ରିଖ ଦିନ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ର ସାମ୍ବାଦିକ ସାନ୍ତନୁ କୁମାର ଭୁଞ୍ଜା ନିଜଗୃହ ବ୍ରାହ୍ମଣୀ ନଦୀକୁ ସ୍ନାନ କରିବାକୁ ଯାଇଥିବା ବେଳେ ବାଲି ମାଫିଆ ଓ ତାଙ୍କ ଦ୍ୱାରା ପ୍ରେରିତ ୬ ଜଣ ବ୍ୟକ୍ତି ସାନ୍ତନୁ କୁ ଖଣ୍ଡା ଭୁଜାଳି ରେ ହାଣି ମରଣାତ୍ମକ ଆକ୍ରମଣ କରିଛନ୍ତି । ସାନ୍ତନୁଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ସାମ୍ବାଦିକ ସାନ୍ତନୁଙ୍କ ଉପରେ ଏହି ଆକ୍ରମଣକୁ 'ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶା' ଜଗତସିଂହପୁର ଜିଲ୍ଲା ଶାଖା ତରଫରୁ ତୀବ୍ର ନିନ୍ଦା କରିବା ସହିତ ଅଭିଯୁକ୍ତ ମାନ ୨୪ ଘଂଟା ଭିତରେ ଗିରଫ କରିବା ସହିତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏସ ୟୁ ଜେ ଓଡିଶା ଜଗତସିଂହପୁର ଜିଲ୍ଲା ଶାଖା ଭପଦେଷ୍ଟା ସରୋଜ କୁମାର ନାୟକ । ଅକ୍ଷୟ କୁମାର ଦାସ । କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ । ଜିଲ୍ଲା ସଂବାଦର ସମ୍ପାଦକ ଜ୍ୟୋତି ରଞ୍ଜନ ପରିଡା । ନୃସିଂହ ଚରଣ ମହାନ୍ତି । ବିଜୟ କୁମାର ମହାନ୍ତି । ସାରଦା ବାସ । ଲୋକନାଥ ସାହୁ । ତପନ କୁମାର ଦାସ । ଶିବଦତ୍ତ ଭାରତ । ସଞ୍ଜୟ ଭାରତ । ଚରଣ ପରିଡା । ସାରଦା ପ୍ରସନ୍ନ ଖଟୁଆ । ସଂଗ୍ରାମ ଜେଶରୀ ପାଟନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

ମା' ଗଡ଼ଚଣ୍ଡୀ ରାଜ୍ୟସ୍ତରୀୟ କ୍ରିକେଟ୍ ଚମ୍ପିୟାନ ବ୍ରହ୍ମପୁର

ହାଟଚିହ୍ନି, ୨୨/୦୨ (ଆ.ପ୍ର) : ଗଡ଼ଚଣ୍ଡୀ ସ୍ପୋର୍ଟସ ପକ୍ଷରୁ ସୁନ୍ଦରାଗାଳର ପ୍ରାଣବଲ୍ଲଭ ମିନି ଷ୍ଟାଡିଅମ ଠାରେ ଚାଲିଥିବା ୪ର୍ଥ ଗଡ଼ଚଣ୍ଡୀ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ନାମେଂଟ ଅନୁଷ୍ଠିତ ହୋଇଛି । ଏଥିରେ ଫାଇନାଲ ମ୍ୟାଚରେ ଚିତାକର୍ଷକ ଭାବେ ଶେଷ ହୋଇଛି । ୟୁନାଇଟେଡ୍ ଇଲେଭେନ ବ୍ରହ୍ମପୁର ଓ ଏସିସି ଇଞ୍ଜାନପୁର ଯାଜପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ ରେ ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ୨୦ଓଭରରେ ୬୯ ରନ୍ କରିଥିଲା । ତାର ଜବାବରେ ଏସି ଇଞ୍ଜାନପୁର ଯାଜପୁର ୨୦ ଓଭର ୯ ୱିକେଟ ହରାଇ ସମାନ ୧୩୪ ରନ କରି ପରାସ୍ତ ହୋଇଥିଲା । ୟୁନାଇଟେଡ୍ ବ୍ରହ୍ମପୁରର ପକ୍ଷରୁ ଆଲ୍ପମ ଖାଁଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା । ଏହି ଖେଳକୁ ଅମ୍ପାୟର ଭାବେ

ବିଜୟ କୁମାର ଜେନା, ବିରେନ୍ଦ୍ର କୁମାର ବେହେରା, ସାର୍ଥକ ବିଶ୍ୱାଳ, ପଦ୍ମନାଭ ସାମଲ ଓ ଭାସ୍ୟକାର ଭାବେ ସୁଶାନ୍ତ କୁମାର ବେହେରା, ଅନିଲାଳନ ସ୍ୱୋଗର ସୁରାଲ ସାହୁ ଆସିଟାଂଟ ସ୍କୋରର ଜ୍ୟୋତିରଂଜନ ଜେନା, ଭାବେ ରହି ଖେଳ ପରିଚାଳନା କରିଥିଲେ । ଏହି ଖେଳ ସଭାପତି ସୁଧାଂଶୁ କୁଶର ମଲ୍ଲିକ, ଜନୁଜୟ ପାତ୍ର, ପ୍ରଦ୍ୟୁମ୍ନ ରାଉତ, ସତ୍ୟବ୍ରତ ରାଉତ, ଋଗେଶ୍ୱର ମଲ୍ଲିକ, ଦେବବ୍ରତ ରାଉତ, ତରଣି ସେନ ମଲ୍ଲିକ ଧନ ପାତ୍ର, ପ୍ରିୟବ୍ରତ ରାଉତ, ବିକାଶ ପରିଡ଼ା, ରାଜାଇର ସାହୁ, ଗଣନାଥ ସାହୁ ପରିଚାଳନା କରିଥିଲେ ।

ସ୍କୁଲ ହତାରେ ନିଆଁରେ ପୋଡ଼ି ହୋଇ ଛାତ୍ର ଅସୁସ୍ଥ

ଜି.ଉଦୟଗିରି, ୨୨/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଆଡାସିକୁପା ଠାରେ ଥିବା ନବଜ୍ୟୋତି ହାଇସ୍କୁଲ ରେ ନବମ ଶ୍ରେଣୀ ଛାତ୍ର ନିଆଁରେ ଗୋଟିଏ ପଟ ଗୋଡ଼ ପୋଡ଼ିଯାଇଥିବା ବେଳେ ଅଳ୍ପକେ ବଡ଼ ବିପଦରୁ ବଞ୍ଚିଯାଇଥିବା ଘଟଣା ଶୁଣିବାକୁ ମିଳିଛି । ସୂଚନା ଅନୁସାରେ ଗତ ସୋମବାର ଦିନ ସ୍କୁଲରେ ଜଣେ ଛାତ୍ର ଏକ ବୋତଲରେ ଆଲକାତାରା ଓ ପେଟ୍ରୋଲ ମିଶେଇ ନେଇ ସ୍ପ୍ରେ କରି ନିଆଁ ଲାଗେଇ ଖେଳୁଥିବା ବେଳେ ବୋତଲଟିରେ ନିଆଁ ଲାଗିଯାଇଥିଲା । ଛାତ୍ର ଜଣକ ଭୟରେ ବୋତଲଟିକୁ ଜୋର ରେ ତଳେ ଛେଡି ଦେଇଥିଲେ । ଠିକ ସେହି ସମୟରେ ସମ୍ମୁଖରେ ଯାଉଥିବା ଅନ୍ୟଜଣେ ଛାତ୍ର ଭିନସେଂଟ ତିଗୀଲ, ୯ମ ଶ୍ରେଣୀଙ୍କ ଫେଂଟରେ ବୋତଲ ରେ ଥିବା ମିଶ୍ରଣ ପଡ଼ି ନିଆଁ ଲାଗିଥିଲା । ଏହାକୁ ଦେଖି ଅନ୍ୟ ଛାତ୍ର ମାନେ ପୋଡ଼ି ଯାଉଥିବା ଛାତ୍ରଙ୍କୁ ଉଦ୍ଧାର କରିଥିଲେ । ପୋଡ଼ି ଯାଇଥିବା ଛାତ୍ର

କୁ ମେଡିକାଲ ନେବା ବଦଳରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ର ଟିକୁ ମେଡିକାଲ ନେଇଯାଇନ୍ତେ ତେବେ ହୁଏତ ଛାତ୍ର ଟିର ଏତେ ମାତ୍ରାରେ କ୍ଷତ ହୋଇନଥାନ୍ତା ବୋଲି ଅଭିଭାବକ ମହଲରେ ଆଲୋଚନା ହେଉଛି । ଛାତ୍ରଙ୍କ ଚିକିତ୍ସା ପାଇଁ ଆମ ପାଖରେ କିଛି ଟଙ୍କା ନାହିଁ ତେଣୁ ତାକୁ ଘରକୁ ପଠେଇ ଦିଆଗଲା ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିଜ ଉତର ରଖିଛନ୍ତି । ଏତେ ବଡ଼ ଘଟଣା ଘଟିଗଲା କିନ୍ତୁ ସେଠାରେ କେହି ବିଦ୍ୟାଳୟ କର୍ତ୍ତୃପକ୍ଷ ନଥିବା ଆଶ୍ଚର୍ଯ୍ୟର ବିଷୟ ଏବଂ ସ୍କୁଲ ହତା ରେ ପେଟ୍ରୋଲ ମିଶ୍ରିତ ପଦାର୍ଥ ପିଇାଇ ଖେଳ ସାମଗ୍ରୀ କିପରି ହେଲା ତାହା ଆଲୋଚନାର ବିଷୟ ହୋଇଛି ।

ଭୁବନରେ ବିଜୁ ଜନତାଦଳର ବିରାଟ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

ଭୁବନ, ୨୨/୦୨ (ଆ.ପ୍ର) : ଢେଙ୍କାନାଳ ଜିଲ୍ଲାର ଭୁବନ ବିଜୁ ଜନତାଦଳ ତରଫରୁ ବିରାଟ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭୁବନ ବ୍ଲକ ଓ ଏନଏସି ବିଜୁ ଜନତାଦଳ ତରଫରୁ ମହୁଲପାଳ ପଂଚାୟତ କଣପାଳ ଆମ୍ବ ବଗିଚାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନ ଏନ୍‌ଏସି ବିଜୁ ଜନତାଦଳର ନୂତନ ସଭାପତି ତଥା ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତାଦଳର ଢେଙ୍କାନାଳ ଜିଲ୍ଲା ସଭାପତି ଡଃ ନୃସିଂହ ଚରଣ ସାହୁ, ସମ୍ବାଳପୁର ଅତିଥି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାଧିପ ସଡଙ୍ଗୀ ଯୋଗଦେଇ ବିଜୁ ଜନତାଦଳ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦିତ ନୂତନ ସଙ୍ଗଠନିକ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଘୋଷଣା ହୋଇଥିବା କର୍ମକର୍ତ୍ତା ମାନଙ୍କ ମଧ୍ୟରେ ବିଜୁ ଜନତାଦଳର ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଜୟ ସେଠୀ, ସୋମନାଥ ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ତେବେ ବନ୍ଧୁମିଳନ ଉତ୍ସବରେ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଉପସ୍ଥିତ ଅଗାମୀ ଦିନରେ ସାଙ୍ଗଠନିକ ବୃଦ୍ଧିରା ବୃଦ୍ଧି ସହିତ କର୍ମୀମାନଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି । ଆଗାମୀ ପଂଚାୟତ ନିର୍ବାଚନକୁ ବୃଦ୍ଧିରେ ରଖି ସଂଗଠନ କାର୍ଯ୍ୟକୁ ଆଗକୁ ବଢ଼ାଇବା ସହିତ ତୃଣମୂଳ ସ୍ତରରେ କାର୍ଯ୍ୟକ୍ରମ କରିବା ପାଇଁ ମଂଚ ଉପରୁ ବିଜୁ ଜନତାଦଳ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ।

ହାଟରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟିନେଲେ ଦୁର୍ବୁର୍ତ୍ତ

ଦଶପଲ୍ଲା, ୨୨/୦୨ (ଆ.ପ୍ର) : ଦଶପଲ୍ଲା ସ୍ଥିତ ନାରାୟଣଗଡ଼ ହାଟରୁ ରବିବାର ଦିନ ଅଳଙ୍କାର ଲୁଟ୍ ହୋଇଛି । ଏନଏସି ଅନ୍ତର୍ଗତ ଡେବୁଲିପାଟଣାର ଅଶୋକ ସେନାପତି ସପ୍ତାହର ବୁଧବାର ଓ ରବିବାର ଦିନ ହାଟରେ କଂସାବାସନ ବ୍ୟବସାୟ କରନ୍ତି । ଏଥିସହିତ ସୁନା ରୂପାର ଖୁଚୁ ବ୍ୟବସାୟ ମଧ୍ୟ କରନ୍ତି । ଆଜି ଅଶୋକ ଦୋକାନରେ ବାପାଙ୍କୁ ବସାଇ ପରିଷ୍ଠା କରିବାକୁ

ଯାଇଥିବା ବେଳେ ତିନିଜଣ ବୁର୍ଦ୍ଧ ଦୋକାନରେ ପଶିଂଚି ତାଙ୍କ ବାପାଙ୍କୁ ଷ୍ଟିଲ୍ ବାଲ୍ଟି ମାଗିଥିଲେ ଓ ଷ୍ଟିଲ୍ ବାଲ୍ଟି ଆଣି ଦେବାବେଳେ ହଠାତ୍ ଗୁପ୍ତାର ପେଡିରୁ ଧଣି ପଂଚଣା ପୁଲରୁ ଚମ୍ପଟ୍ ମାରିଥିବା ଅଶୋକ ଅଭିଯୋଗ କରିଛନ୍ତି । ପେଡିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି । ଖବର ପାଇ ପୋଲିସ୍ ଘଟଣା ସ୍ଥଳରେ ପଂଚିଂ ଛାନଲିନ୍ ଆରମ୍ଭ କରିଛନ୍ତି ।

ଧର୍ମଗଡ଼ ବ୍ଲକ ପର୍ଲା ପଂଚାୟତ ସେମେଲା ଠାରେ ମାଁ ଠାକୁରାଣୀ ସ୍ପୋର୍ଟ ବ୍ଲକ ଆନୁକୂଲ୍ୟରେ ଭଲିବଲ ଖେଳ ପ୍ରତିଯୋଗିତା ଉତ୍ସବାପନ୍ନ ମ୍ୟାଚ ବଡାଡ଼ ୪ ଭଲଟୁ ଏକାଦଶ ମୁଆଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦୁଇ ଦଳ ମଧ୍ୟରେ ଏକ ଚିତାକର୍ଷକ ଖେଳ ଦେଖିବାକୁ ମିଳିଥିଲା । ଖେଳର ଦ୍ୱିତୀୟର୍ଦ୍ଧ ପରି ସମାପ୍ତି ପରେ ବଗାଡ଼ ୨-୧ ରେ ବିଜୟ ଲାଭ କରିଥିଲା । ମୁଖ୍ୟଅତିଥି

ଭାବେ ପର୍ଲା ଗ୍ରାମ ପଂଚାୟତ ସରପଂଚ ଡ୍ରିଜଲାଲ ନାଏକ ,ସମ୍ବାନୀତ ଅତିଥି ଭାବେ ଯୁବ ସାମାଜିକ ସୁବାଶ ବାଗ, ସୁଧୀର ଗୋପାଳ, ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ, ସମାଜସେବୀ ଖଞ୍ଜିକ ବିହାରୀ ଗୋପାଳ, ରାମକିଶୋର ସୁନାନୀ, ଧନିରାମ ଗୋପାଳ, ଅନିରୁଦ୍ଧ ଗୋପାଳ, ପୂର୍ବତନ ଫୁଟବଲ ଖେଳାଳି ଅଜାମ୍ବର ବାଗ, ଦେବରାଜ ସାହୁ, ଜଦର୍ପ ରାୟ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରି ବିଜେତା ଓ ରନର୍ସ ଦଳକୁ ଟ୍ରଫି ଓ ଅର୍ଥ ରାଶି ପୁରସ୍କୃତ କରିଥିଲେ । ଖେଳ ପରିଚାଳକ ଭାବେ ପିଇଟି ରାମନାଥ ଶବର, ଖେଳ ପରିଚାଳନା କରିଥିବା ବେଳେ ଲିଙ୍ଗରାଜ ଖର୍ସେଲ, ଓ ଜ୍ୟୋତି ରଂଜନ ଗୋପାଳ ଲାଇନ୍ ରେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଫୁଟବଲ କମିଟି କର୍ମକର୍ତ୍ତା ଜନୁଜୟ ବାଗ, ପ୍ରଦ୍ୟୁମ୍ନ ସାହୁ, ଜଗଦୀଶ ଗୋପାଳ, ଡମ୍ବରୁଡ଼ା ସାହୁ, ରାଜାଇ ବାଗ, ଲିଙ୍ଗରାଜ ଖର୍ସେଲ, ଜ୍ୟୋତି ରଂଜନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ ।

ଅଧାଖୋଲା ରହିଲା ୧୭ ନମ୍ବର ପାଟନାଳୀ

ମାହାଙ୍ଗା, ୨୨/୦୨ (ଆ.ପ୍ର) : ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମ କ୍ରମେ ମାହାଙ୍ଗା ଅଂଚଳର ଚାଷୀମାନଙ୍କର ବହୁ ଦିନର ସମସ୍ୟାକୁଦୂର କରିବା ପାଇଁ ବିଜିନ୍ନ ପାଟନାଳୀର ଖୋଳାକାର୍ଯ୍ୟ ଆରମ୍ଭ କରାଯାଇଛି । ତେବେକ ସ୍ଥାନରେ ନାମକୁବାସ୍ତ ପାଟନାଳୀ ସଫେଇ ଓ ଖନନ କାର୍ଯ୍ୟ କରାଯାଇଥିବାର ଦେଖିବାକୁ ମିଳୁଛି । କିଛି ଦିନ ତଳେ ଭଦ୍ରେଶ୍ୱର ନାହାଙ୍ଗ ପଂଚାୟତ ଦେଇ ଯାଉଥିବା ୧୭ ନମ୍ବର ପାଟନାଳୀର ଖନନ କାର୍ଯ୍ୟ ଚେସିବି ମେସିନ ସାହାଯ୍ୟରେ କରାଯାଇଥିଲା । ବର୍ଷା ଦିନ ପସରା ନଷ୍ଟରୁ ଚାଷୀମାନଙ୍କ ସୁରକ୍ଷା କରିବା ପାଇଁ ବିଧାୟକଙ୍କର ଏହି ଉଦ୍ୟମକୁ ଚାଷୀମାନେ ସ୍ୱାଗତ କରିଥିଲା

ବେଳେ ଏହି କାର୍ଯ୍ୟ ଭଦ୍ରେଶ୍ୱର ଡାଭରଖାଲା ପାର୍ଶ୍ୱରୁ ୨୦୦ ଫୁଟ୍ ଯାଏ କରାଯାଇ ବନ୍ଦ କରିଦିଆଯାଇଛି । ଯାହାଫଳରେ ଚାଷୀଙ୍କ ମଝରେ ଆଶଙ୍କା ପ୍ରକାଶ କରାଯାଇଛି ୧୭ ନମ୍ବର ପାଟନାଳୀ ଖୋଳିବା ସହିତ ଉଭୟ ପାର୍ଶ୍ୱର ବନ୍ଧ ଚଉଡା କରାଯାଇଥିଲା ବେଳେ ଏହା ଅଧାରୁ ବନ୍ଦ ରହିଲା କାହିଁକି ? ଯାହାଫଳରେ ବର୍ଷା ଦିନେ ପ୍ରବଳ ବର୍ଷା ପାଣି ଯାହାକି ଗୋଚର ମଂଚାଇଡର ଆପିଲୋ ବେଇ ଏହି ଡ୍ରେନେଜ୍ କଟ୍‌ରେ ପ୍ରବାହିତ ହୋଇଥାଏ । ଅଧାଖୋଳାଯିବା ଫଳରେ ବର୍ଷା ଜଳ ଠିକ୍ ଭାବେ ଏହିପାଟନାଳୀ ଦେଇ ପ୍ରବାହିତ ହୋଇ ପାରିବ ନାହିଁ । ଅଧା କାର୍ଯ୍ୟ କାହା ସ୍ୱାର୍ଥରେ ବୋଲି ଚାଷୀଙ୍କ ମଝରେକେ ପ୍ରଶ୍ନ ଉଠିଥିଲା ବେଳେ ମାହାଙ୍ଗା ବିଧାୟକ ତୁରନ୍ତ ଏହି କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ପଦେଖେପ ଗ୍ରହଣ କରାଗୁ ବୋଲି ସର୍ବସାଧାରଣରେ ଦାବି ହେଉଛି ।

ମାଓବାଦୀ-ପୁଲିସ ମୁହାଁମୁହିଁରେ ଏନକାଉଂଟର, ଦୁଇ ମାଓବାଦୀ ନିହତ

କନ୍ଧମାଳ, ୨୨/୦୨ (ଆ.ପ୍ର) : କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ରାଇକିଆ ଥାନା କରଡ଼ା ପଂଚାୟତର ନିର୍ଦ୍ଦିଷ୍ଟ ଜଙ୍ଗଲରେ ପୋଲିସ ଏବଂ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି । ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ଦୁଇ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଗୁରୁତର ହୋଇଥିବା ସୂଚନା ମିଳିଛି । ବର୍ତମାନ ସୁଦ୍ଧା ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ମୃତଦଳ ପରିଚୟ ଅସ୍ପଷ୍ଟ ରହିଛି । କନ୍ଧମାଳ ଜିଲ୍ଲାର ରାଇକିଆ ଥାନା ଅନ୍ତର୍ଗତ କରଡ଼ା ଜଙ୍ଗଲରେ ମାଓ ଗତିବିଧି ସୂଚନା ପାଇ ଏଓଡିଶ ଟିମ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା । ଏହି ସମୟରେ ଜଙ୍ଗଲରେ ଲୁଚିଥିବା ମାଓବାଦୀମାନେ ଗୁଳି ଚଳାଇଥିଲେ । ସୁରକ୍ଷା ବାହିନୀ ଏଥାର ପାଲଟା ଜବାବ ଦେଇଥିଲା । ଏହି ଏନକାଉଂଟରରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି । ମୃତଦଳ ମଧ୍ୟରେ ଜଣେ ମହିଳା କ୍ୟାଡର ଥିବା ଜଣାପଡିଛି । ମାର୍ଚ ଶେଷ ସୁଦ୍ଧା ମାଓବାଦୀଙ୍କ ମୃତ୍ୟୁହାରକ ପାଇଁ ଯେଉଁ ପ୍ରକ୍ରିୟା ଚାଲିଛି, ସେଥିରେ କନ୍ଧମାଳ ଜିଲାରେ କିଛି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏଥାକୁ ନେଇ କିଛି ଦିନ ହେଲା କମିଂକୁ ଲୋଡବାର କରାଯାଇଛି । ଗତ ସପ୍ତାହରେ ରାଇକିଆ ଥାନା ଅଞ୍ଚଳରେ ମଧ୍ୟ ପୋଲିସ ମାଓବାଦୀ ମୁହମୁହିଁ ହେବା ସହ ଗୁଳିବିନିମୟ ହୋଇଥିଲା । ଏଥିରେ ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିଲେ । ଉକ୍ତ ଜଙ୍ଗଲରେ ଏବେବି କମ୍ପି ଅପରେସନ ଜାରି ରହିଛି ।

ସୁଭଦ୍ରା ଶକ୍ତି ମେଳା ଚତୁର୍ଥ ଦିନରେ ଭବ୍ୟ ଆୟୋଜନ

ପାରଳାଖେମୁଣ୍ଡି, ୨୨/୦୨ (ଆ.ପ୍ର) : କାଳକୃଷ୍ଣ ପାଣିଗ୍ରାହୀ : ଜିଲ୍ଲା ସବର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଚାଲୁଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଚତୁର୍ଥ ଦିନରେ ଉତ୍ସାହ ଓ ଉତ୍ସବମୁଖର ଭାବରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଜିଷ୍ଟ୍ରେଟ ଅଧିକାରୀ, ଗଜପତି ଶ୍ରୀ ସୋଲମନ ରାଇକା ଉପସ୍ଥିତ ଥିବା ବେଳେ ପ୍ରକଳ୍ପ ପ୍ରଶାସକ, ସମନ୍ୱୟକ ଆଦିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ମଂଚାସୀନ ରହି ମେଳାର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ବିଷୟରେ ମତ ପ୍ରକାଶ କରିଥିଲେ । ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ପରେ ରାଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ

କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ପ୍ରଦର୍ଶନୀ ଆୟୋଜିତ ହୋଇ ଦର୍ଶକମାନଙ୍କୁ ମନୋମୁଗ୍ଧ କରାଯାଇଥିଲା । ମେଳା ପ୍ରାଙ୍ଗଣରେ ଦର୍ଶକମାନଙ୍କ ଭିଡ଼ ଉତ୍ସବମୁଖର ପରିବେଶ ସୃଷ୍ଟି କରିଥିଲା । ମହିଳା ଶକ୍ତିକୁ ମଜବୁତ କରୁଛି ମେଳା, ରାଜ୍ୟର ବିଜିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଉତ୍ପାଦିତ ହସ୍ତତନ୍ତ , ହସ୍ତଶିଳ୍ପ, ଖାଦ୍ୟ ପଦାର୍ଥ ଓ ଗୃହସଜ୍ଜା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରୁଛନ୍ତି । କ୍ରାଣ୍ଟି ଓ ପ୍ୟାକେଜିଂ ବିଷୟରେ ପ୍ରଶିକ୍ଷଣ କର୍ମଶାଳା ସହ ପ୍ରତିବିନ୍ଦ ମାଗଣା ଚକ୍ଷୁ ପରୀକ୍ଷା ଶିବିରର ଆୟୋଜିତ ହେଉଛି । ମିଶନ ଶକ୍ତିର ଏହି ପଦକ୍ଷେପ ମାଧ୍ୟମରେ ମହିଳାମାନେ ବୃହତ୍ ବଜାର ସହିତ ସଂଯୋଗ ସୃଷ୍ଟି କରି ଆୟ ବୃଦ୍ଧି କରୁଛନ୍ତି ଓ ଆତ୍ମନିର୍ଭରତାର ଦିଗରେ ଆଗୁଆଁ ବଢୁଛନ୍ତି । "କ୍ଷପତି ଦିବି" ହେବାର ସ୍ୱପ୍ନ ସାକାର କରିବାରେ ଏହି ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ୭ ଦିନ ଧରି ଆୟୋଜିତ ଏହି ସୁଭଦ୍ରା ଶକ୍ତି ମେଳା ଆସନ୍ତା ୨୪

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପୁରୀର ପାରମ୍ପରିକ ଆଖଡ଼ା ସଂସ୍କୃତି ପୁନରୁଦ୍ଧାର ପାଇଁ ସରକାରଙ୍କୁ ଅନୁରୋଧ

ପୁରୀ, ୨୨/୦୨ (ଆ.ପ୍ର) : ପୁରୀର ପାରମ୍ପରିକ ଆଖଡ଼ା ସଂସ୍କୃତି ଓ କୁସ୍ତି(ମଲ୍ଲଯୁଦ୍ଧ)ର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରଚାର-ପ୍ରସାର ସମ୍ପର୍କରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ବିଷୟରେ ସ୍ପଷ୍ଟତା ଆହ୍ୱାନ କରି ରାଜ୍ୟ ମୁଖ୍ୟ ସଚିବଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବିଜେପି କୃଷକ ମୋର୍ଚ୍ଚା, ଓଡ଼ିଶାର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ (ଲୁଲୁ) ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୫ ଅପ୍ରେଲ ୨୦୨୫ ତାରିଖରେ ସେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କୁ ପତ୍ର ଲେଖି ପୁରୀର ସାହି ପରମ୍ପରା ସହ ଜଡିତ ଆଖଡ଼ା ସଂସ୍କୃତିର ପୁନରୁଜ୍ଜୀବନ ପାଇଁ ଗଠନାତ୍ମକ ପ୍ରସ୍ତାବ ଉଣ୍ଥାପନ । କିନ୍ତୁ ପ୍ରାୟ ନଅ ମାସ ଅତିତ ହେବା ସତ୍ତ୍ୱେ ସରକାର ପକ୍ଷରୁ କୌଣସି ନିର୍ଦ୍ଦେଶାତ୍ମକ ସୂଚନା ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ପୁରୀ ଶ୍ରୀଜଗନ୍ନାଥଙ୍କ ପବିତ୍ର ପୀଠ ଭାବେ ବିଶ୍ୱବ୍ୟାପୀ ପରିଚିତ ହେଲେ ମଧ୍ୟ, ଏଠାର ସାହି ପରମ୍ପରାରେ ଆଖଡ଼ା ସଂସ୍କୃତି ଏକ ଅବିଚ୍ଛିନ୍ନ ଅଂଶ ଭାବେ ପ୍ରାଚୀନକାଳରୁ ବର୍ତମାନ ପର୍ଯ୍ୟନ୍ତ ଅବସ୍ଥିତ । ଦୋଳମଞ୍ଚପ ସାହି, ମାର୍କଣ୍ଡେଶ୍ୱର ସାହି, ହରଚଣ୍ଡୀ ସାହି ପ୍ରମୁଖ ଅଂଚଳରେ ଅବସ୍ଥିତ ଆଖଡ଼ାଗୁଡ଼ିକ କେବଳ କ୍ରୀଡ଼ା କେନ୍ଦ୍ର ନୁହେଁ; ସେଗୁଡ଼ିକ ଶାରୀରିକ ସାମର୍ଥ୍ୟ, ଶୃଙ୍ଖଳା, ସାମାଜିକ ସମନ୍ୱୟ ଓ ସାହି ଗର୍ବର ପ୍ରତୀକ ଭାବେ ପରିଚିତ । ଇତିହାସ ଅନୁସାରେ ମଲ୍ଲଯୁଦ୍ଧ ଭାରତର ପ୍ରାଚୀନ କ୍ରୀଡ଼ା ପରମ୍ପରାର ଏକ ଅଂଶ ଓ ଗୁରୁ-ଶିଷ୍ୟ ପ୍ରଣାଳୀ ଆଧାରିତ ଆଖଡ଼ା ବ୍ୟବସ୍ଥା ଏହାକୁ ଶତାବ୍ଦୀ ଧରି ଜୀବନ୍ତ ରଖିଛି । ରଥଯାତ୍ରା ଓ ଚନ୍ଦନଯାତ୍ରା ଭଳି ପର୍ବପର୍ବାଣୀ ସମୟରେ ଏହି ପରମ୍ପରାର ସ୍ୱଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ । ଶ୍ରୀ ସ୍ୱାଇଁ ତାଙ୍କ ପ୍ରସ୍ତାବରେ ପୁରୀରେ ଆଧୁନିକ ସୁବିଧା ସହିତ ଏକ କୁସ୍ତି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା,ପାରମ୍ପରିକ ଆଖଡ଼ା ଗୁଡ଼ିକର ପୁନରୁଦ୍ଧାର ଓ ଆଦର୍ଶାତ୍ମକ ଢାଂଚାଗତ ସୁବିଧା ପ୍ରଦାନ କରିବା, ରଥଯାତ୍ରା, ଚନ୍ଦନଯାତ୍ରା ଆଦି ପର୍ବ ସମୟରେ ନିୟମିତ କୁସ୍ତି ପ୍ରତିଯୋଗିତା ଆୟୋଜନ କରିବା, ସ୍କୁଲ ଓ କଲେଜରେ କୁସ୍ତିକୁ ଏକ୍ଟିକ ବିଷୟ ଭାବେ ଅନ୍ତର୍ଭୁକ୍ତ କରାଇବା ସହ ପର୍ଯ୍ୟଟନ ନୀତି ସହ ଆଖଡ଼ା ସଂସ୍କୃତିର ସମନ୍ୱୟ ରକ୍ଷାକରି ପ୍ରଶିକ୍ଷକ ଓ ଯୁବ ଖେଳାଳିଙ୍କ ପାଇଁ ଆର୍ଥିକ ସହାୟତା, ସ୍କଲାରସିପ୍ ଓ ପ୍ରଶାସନିକ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି । ସେ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ ଏପର୍ଯ୍ୟନ୍ତ କେଉଁ ପଦକ୍ଷେପ ଗ୍ରହଣ କରାଯାଇଛି, କୌଣସି ନୂତନ ଯୋଜନା କିମ୍ବା ବଜେଟ୍ ବିନିୟୋଗ ହୋଇଛି କି ନାହିଁ ଓ କାର୍ଯ୍ୟନୟନରେ କୌଣସି ବାଧା ରହିଥିଲେ ତାହା ସ୍ପଷ୍ଟ କରାଯାଉ । ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସରକାରୀ ପ୍ରୋତ୍ସାହନ ଓ ସୁଠାମ ପ୍ରଶିକ୍ଷଣ ବ୍ୟବସ୍ଥା ମାଧ୍ୟମରେ ହକି କ୍ଷେତ୍ରରେ ରାଜ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ପରିଚୟ ଦେଇପାରିଛି । ସେହିପରି ପୁରୀରେ ମଧ୍ୟ ଯଦି ପାରମ୍ପରିକ ଆଖଡ଼ା ସଂସ୍କୃତିକୁ ଆଧୁନିକ ପ୍ରଶିକ୍ଷଣ ପ୍ରଣାଳୀ ସହ ସମନ୍ୱୟ କରାଯାଏ, ତେବେ ଏଠାରୁ ମଧ୍ୟ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କୁସ୍ତିବାଜ ତିଆରି ହେବା ସମ୍ଭବ । ଶ୍ରୀ ସ୍ୱାଇଁ ଆଶା ବ୍ୟକ୍ତ କରିଛନ୍ତି ଯେ ଏହି ଐତିହାସିକ ଓ ସଂସ୍କୃତିକ ପରମ୍ପରାର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ସରକାର ଶୀଘ୍ର ଏକ ସ୍ପଷ୍ଟ ରୋଡମାପ ପ୍ରକାଶ କରିବେ । ଏହା ଦ୍ୱାରା ପୁରୀର ଯୁବପିଢ଼ି ନିଜ ଐତିହ୍ୟ ସହ ଜଡିତ ହୋଇ ଖେଳ କ୍ଷେତ୍ରରେ ନୂତନ ସଫଳତା ଅର୍ଜନ କରିପାରିବେ ବୋଲି ସେ ମତ ପ୍ରକାଶ କରିଛନ୍ତି ।

ଗଜପତିରେ ୪୯ଟି ଫେକ ଏକାଉଂଟ ଫ୍ରିଜ୍ ହେଲା

ପାରଳାଖେମୁଣ୍ଡି, ୨୨/୦୨ (ଆ.ପ୍ର) : ସାଇବର କ୍ରାଇମ୍ ଆଡମିନ୍‌ମାନ୍ କୁହେଗେଇ ଉଖୁଡାକୁ ଗଜପତି ପୋଲିସ ଏକ ବଡ ଅଭିଯାନ ଆରମ୍ଭ କରିଛି । ନିଜରେ ବିଭିନ୍ନ ସାଧାରଣ ଏକାଉଂଟରୁ ଲକ୍ଷାଧିକ ଟଙ୍କା ଗାଏବ ଅଭିଯୋଗ ପରେ ଗଜପତି ପୋଲିସ ତଦନ୍ତାନ୍ତ ତଦନ୍ତ ଆରମ୍ଭ କରିଛି । ଫେବୃଆରୀ ୧୩ରୁ ୨୭ ପର୍ଯ୍ୟନ୍ତ ସାଇବର କ୍ରାଇମ ସଚେତନତା ଅଭିଯାନ ଜିଲ୍ଲାରେ ଆରମ୍ଭ ହୋଇଛି । ବିଶେଷ କରି ବୃଦ୍ଧ, ନିରାହ ବ୍ୟକ୍ତି, ମହିଳା ଓ ଆଦିବାସୀମାନଙ୍କୁ ସହାୟତା କରିବା ବାହାନା କିମ୍ବା ଏଟିଏମ ପାଖରେ ଲୁଚି ପାସୱାର୍ଡ ନମ୍ବର ଗ୍ରହଣକ୍ରମ ଆଙ୍କୁଆଳିରୁ ସେମାନଙ୍କ ଅଗୋଚରରେ ଚୋରାଇ ଏହିଭଳି ଜିନ୍ସିକ୍ରମ ଜରିଆରେ ବିଭିନ୍ନ ଏକାଉଂଟରୁ ଟଙ୍କା ଖାଲି କରିବା ନଜରରେ ଆସିଛି । ଏ ଭିତରେ ପାରଳାଖେମୁଣ୍ଡି, ଗୁରାଣ୍ଡି, କାଶୀନଗର ଓ ମୋହନା ଥାନା ଅଂଚଳର ବିଭିନ୍ନ ଜାତୀୟ ବ୍ୟାଙ୍କର ୪୯ଟି ଫେକ୍ ଏକାଉଂଟ ଗଜପତି ପୋଲିସ ଫ୍ରିଜ୍ କରିଛି । ସେଥିରୁ ୧୧ଟି ଏକାଉଂଟ ସହ ଜଡିତ ଥିବା ୧୧ଜଣଙ୍କ କାମରେ ମଜଦମା ଗୁରୁ କରିଛି । ଏଥିସହିତ ଏକାଉଂଟରୁ ୪ ଲକ୍ଷ ୧୫ ହଜାର ଟଙ୍କା ଜବତ କରିଛି । ଏମାନେ ସମସ୍ତେ ପାରଳାଖେମୁଣ୍ଡି ଅଂଚଳର । ଏହାକୁ ନେଇ ଆହୁରି ତଦନ୍ତ ଜାରୀ ରହିବ । ସାଇବର ସଚେତନତା ପକ୍ଷରେ ଲୋକଙ୍କୁ ସଚେତନ କରାଯାଇଛି । ସେମିତି ସେମାନେ ଏହିଭଳି ସମସ୍ୟାରୁ ଦୂରରେ ରହିବେ । ଆଗକୁ ଏହି ଅଭିଯାନ ଜାରୀ ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ।

ରାସ୍ତାରେ ଟାଙ୍ଗାର ପକାଇ ଦୁର୍ଘଟଣାକୁ ନିମନ୍ତ୍ରଣ

ହାଟଚିଡ଼ି, ୨୨/୦୨ (ଆ.ପ୍ର) : ହାଟଚିଡ଼ି ରାସ୍ତାରେ ଟାଙ୍ଗାର ପକାଇ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛନ୍ତି । ଏଇନି ଏକ ଦିନ ମାନସିକତାର ଚିନ୍ତା ଧାରାକୁ ନେଇ ଅଣା କେନାଲ ବନ୍ଧ ରେ ଗୋଟିଏ ଭଙ୍ଗା ଟାଙ୍ଗାରକୁ ପକାଇ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛନ୍ତି ଜଣେ ଜଣାଶୁଣା ବ୍ୟକ୍ତି । ସୂଚନା ଅନୁଯାୟୀ ସେହି ରାସ୍ତାଟି ଶାଳନିଆ କେନାଲ ବିଭାଗରେ ରହିଛି । କିନ୍ତୁ ଜଣେ ବ୍ୟକ୍ତି ନିଜର ଘର କରିବା ନିମନ୍ତେ ରାସ୍ତା ବାଲି ଟିପିସି ପକାଇ ତାକୁ କୌଣସି ଗାଡ଼ି ଚଳାଚଳ ପାଇଁ । ରାସ୍ତା ରେ ଏକ ଭଙ୍ଗା ଟାଙ୍ଗାରକୁ ସବୁବେଳେ ପକାଇ ରଖିଛି । ରାତିରେ ସେ ଟାଙ୍ଗାର ଜଣା ପଡୁ ନଥିବାରୁ ବାରମ୍ବାର ଲୋକେ ସଡ଼କ ଦୁର୍ଘଟଣାରେ ଶିକାର ହେଉଛନ୍ତି । ତାହା ଛଡା ରାସ୍ତାରେ ଏଭଳି ଟାଙ୍ଗାରକୁ ପକାଇ ଦୁର୍ଘଟଣା ଘଟାଇବା ଏକ ଆଇନଗତ ଅପରାଧ ନୁହେଁ କି କିଏ ଏଭଳି ପକାଇ ଦୁର୍ଘଟଣା ଘଟାଇଛନ୍ତି ତାହାକୁ ପୋଲିସ ନଜର ବେଚାକୁ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି ।

ଏକ ବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଜଗତସିଂହପୁର, ୨୨/୦୨ (ଆ.ପ୍ର) : କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁର ପରିସରରେ ଏକବିଂଶତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକଟି ପ୍ରଫେସର, ପ୍ରସନ୍ନଜିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ ଡ଼ ଶ୍ରୁତାଶୀ ଦାସ (ଯୁଗ୍ମ ନିର୍ଦ୍ଦେଶକ, ସୂଚନା) ପରିଚାଳନା କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସଫଳତା ଏବଂ ଆଗାମୀ ବର୍ଷର ବାର୍ଷିକ ଝସପ୍ରା ପ୍ରସ୍ତୁତ ନିମନ୍ତେ ଏହି ବୈଠକଟି ଭଳିକ । ଡ଼ କଲ୍ୟାଣ ସୁନର ଦାସ, ପ୍ରମୁଖ ବୈଜ୍ଞାନିକ, ଅଗାରି କଳିକତା ଆଲାସୀ ମାଧ୍ୟମ ରେ ଯୋଗଦାନ କରି କୃଷି ବିଜ୍ଞାନ କେନ୍ଦ୍ରର ଉନ୍ନତି ନିମନ୍ତେ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟରୁ ପ୍ରମୁଖ, କୃଷି ପାଥିପାଗ ବିଭାଗ ପ୍ରଫେସର, ଡ଼ୁଷାର ଟଙ୍କନ ମହାନ୍ତି , ସହଯୋଗୀ ଗବେଷଣା ନିର୍ଦ୍ଦେଶକ, ଆଞ୍ଚଳିକ କୃଷି ଗବେଷଣା ଓ ସମ୍ପ୍ରସାରଣ କେନ୍ଦ୍ର ଭୁବନେଶ୍ୱର ପ୍ରଫେସର୍ ପ୍ରମୋଦ କୁମାର ପଣ୍ଡା ଯୋଗ ଦେଇ ମୂଲ୍ୟବାନ୍ ମନ୍ତବ୍ୟ ପ୍ରଦାନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ ଜାହନଜିତ୍ ସେନ୍ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିବା ସହ ଆଗାମୀ ବର୍ଷର କାର୍ଯ୍ୟକ୍ରମ ଝସପ୍ରା ଉପସ୍ଥାପନା କରିଥିଲେ । ଏଥିରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୁନମଣି ବାରିକ, ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ଅଜୟ କୁମାର ସାହୁ, ମତ୍ସ୍ୟ ଅଧିକାରୀ ଡିତୋଲ ଗୋବିନ୍ଦ ପ୍ରଧାନ, ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ମୋନାଲିସ ହୋତା, ଲିଡ୍ ବ୍ୟାଙ୍କ୍ ପ୍ରବନ୍ଧକ ଅନିଲ୍ କୁମାର ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ପ୍ରତିନିଧି ପ୍ରିୟଙ୍କା ପଟ୍ଟନାୟକ, ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ ସତ୍ୟରଞ୍ଜନ ଦାସ ,ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର କଟକ, କେନ୍ଦ୍ରାପଡ଼ା ଓ ପୁରୀ ଯୋଗଦେଇ ସୁଚିନ୍ତିତ ମତାମତ ଓ ଉପଦେଶ ଦେଇଥିଲେ । ଏହି ଜିଲ୍ଲାର ଚାରି ଜଣ ଅଗ୍ରଣୀ ଚାଷୀ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ଚାଷରେ ସୁବିଧା ଅସୁବିଧା ଜଣାଇଥିଲେ । ଏହି ଅବସରରେ ସମାଚାର ପତ୍ରିକା, କୃଷିଶ୍ରୀ ସହିତ ଅନ୍ୟାନ୍ୟ ୫ ଗୋଟି କୃଷି ଭିତ୍ତିକ ଉପାବେଶ ପୁସ୍ତକ ଉନ୍ମୋଚନ ହୋଇଥିଲା । ବୈଠକରେ କଦଳୀ ସହଣୀ କିସମ, ଲୁଣା କିସମ ଧାନର ଗବେଷଣା, ଲବଣାକ୍ତ ମୃତିକା ପରିଚାଳନା, ଗୋପାଳନ ରେ ସ୍ୱଳ୍ପ ଖର୍ଚ୍ଚରେ ଖାଦ୍ୟ, ଜନ୍ତୁ ପ୍ରଜାତିର ମୁଗ ଚାଷ, ବେଶୀ କିସମ ରୋଗ ପୋକ ସହନଶକ୍ତି ଥିବା ବିଭିନ୍ନ ଫସଲ ସଂରକ୍ଷଣ, ମାଛ ଚାଷରେ ରୋଗ ପରିଚାଳନା, ମାଛିଷ ଚାଷର ସମ୍ପ୍ରସାରଣ ଆଦି ବିଷୟରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କୃଷି ଓ ଆନୁସାଙ୍ଗିକ ବିଭାଗର ଅଧିକାରୀ ମାନଙ୍କର ମିଳିତ ଉଦ୍ୟମରେ ଜିଲ୍ଲାର କୃଷିର ଉନ୍ନତି ସୁନିଶ୍ଚିତ ବୋଲି ସଭାପତି ମନ୍ତବ୍ୟ ଦେଇ ବୈଠକର ସମାପନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ବୈଠକରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ ।

ରାଜ୍ୟସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ ଅନୁଷ୍ଠିତ

ଭଦ୍ରକ, ୨୨/୦୨ (ଆ.ପ୍ର) : ଆଜି ରବିବାର ଭଦ୍ରକ ର ଟାଙ୍ଗନଦୀକୂଳ ଠାରେ ମୁର୍ଚ୍ଛନା ଓ ଓଡ଼ିଶା କଳଚର ଆର୍ଟ ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ ବସନ୍ତ ଉତ୍ସବ ଓ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଫେଷ୍ଟିଭାଲ ଚିରେଟିଙ୍ଗ ତଥା ବରିଷ୍ଠ ସାମ୍ବାଦିକ ରବି ନାରାୟଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଜଂ ଅଲୟ ସୁତାରଙ୍କ ସଂଯୋଜନା ରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଜୀତ ରାଉତରାଏ, ସମ୍ମାନୀତ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ଭଦ୍ରକର ଐତିହ୍ୟ ଓ ପରମ୍ପରା ଅତୀତ ପ୍ରାଚୀନ ସମୗ୍ର ଦେଶରେ ଆମର ଭଦ୍ରକୀୟ ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆମର ପରିଚୟ ଶ୍ରୀ ବୃଦ୍ଧି କରିବାରେ ସହଯୋଗ କରିଛି ବୋଲି କହିଥିଲେ । ଏହି ଅବସରରେ ଜୟଯନ୍ତୀ ଦମୟନ୍ତୀ ରାଉତଙ୍କ ଭକ୍ତି ସଂଗୀତ ଜ୍ୟାସେଟ 'ହେ ପ୍ରଭୁ ନୀଳାମୟ 'ଜିଲ୍ଲାପାଳଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା ଝାରୁଷ୍ଣପତି ପୁରସ୍କାର ପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ମଂଚ ଆମନ୍ତ୍ରଣ ପ୍ରତିଷ୍ଠାତା ସମ୍ପାଦକ ବସନ୍ତ କୁମାର ବାମ ମହୋତ୍ସବର ବିବରଣୀ ଓ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ଡ.ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ, ଗୋପାଳପୁର ମହାବିଦ୍ୟାଳୟର ଡ: ନଗେନ୍ଦ୍ର କୁମାର ପାତ୍ରୀ, ସମ୍ମାନୀତ ଅତିଥି ଭାବେ ଚଳଚିତ୍ର ଅଭିନେତା ମିଟୁ ମିଥୁନ, ଚଳଚ୍ଚିତ୍ର ଗାୟିକା ଏଣ୍ଡୋଲା ମିଶ୍ର ଓ ଭାଗବତ ଚୁଡ଼ାଙ୍କ ପ୍ରଚାର ସମିତିର ସଭାପତି ନଜୁଲି ବାବା, ପ୍ରବୀଣ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଝବରବଡାତା ଡ. ହରିହର ନାୟକ, ପ୍ରଭାତ କୁମାର ବାଶ, ଆଫୁର ରଜ୍ଜକ ବେହେରା, ସଙ୍ଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, ରମେଶ ଚନ୍ଦ୍ର ରାଉ,ପଣ୍ଡିତ ସନ୍ତୋଷ ମିଶ୍ର, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପିକା ଦେବଦ୍ୱିତା ମିଶ୍ର, ଶିକ୍ଷୟତ୍ରୀ ମନୋରମା ରାୟ, ଜୟଯନ୍ତୀ ସଂମୁଲା ବନ, ମମତା ବନ, ଛବି ଶଶାଙ୍କ ପଣ୍ଡା, ଜ୍ୟାଷ୍ଟେନ ଓମକାର, ରାଜଶ୍ରୀ ଓଝା, ଶଶିକାନ୍ତ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଦମୟନ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଗୃହରକ୍ଷୀ ପଦବୀ ପାଇଁ ଆବେଦନ କାରୀଙ୍କର ତାଲିକା ପ୍ରକାଶ

ଯାଜପୁର, ୨୨/୦୨ (ଆ.ପ୍ର) : ଏତଦ୍ୱାରା ଏଥିସହିତ ସଂଲଗ୍ନ ୮୭୬ (ଆଠ ସହ ସତଛୋଳି) ଜଣ ଗୃହରକ୍ଷୀ ପଦବୀ ପାଇଁ ଆବେଦନ କାରୀଙ୍କର ତାଲିକା ପ୍ରକାଶ କରାଗଲା । ଯେଉଁମାନେ କି କହୁ ଦକ୍ଷତା ଥିବା ଗୃହରକ୍ଷୀ ପଦ ପାଇଁ ଆବେଦନ କରି ଅଛନ୍ତି । ସେମାନଙ୍କୁ ଅନୁରୋଧ କରାଯାଉଅଛି, ସେମାନେ ଜେବଳ ଏଜକ ଦକ୍ଷତା ଥିବା ଗୃହରକ୍ଷୀ ପଦବୀ ପାଇଁ ସେମାନଙ୍କର ବିଜକ୍ଷ ଚୟନ କରି ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ଯାଜପୁର ପାଣିକୋଲିଙ୍କ ଠାରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୦୩ ଦିନ ମଧ୍ୟରେ ଆଣି ଦାଖଲ କରିବେ । ଯଥା ୨୩, ୦୨.୨୦୨୬ ରିଖ ରୁ ୨୫.୦୨. ୨୬ ପର୍ଯ୍ୟନ୍ତ ସମୟ ଦିଆଗଲା । ଯଦି ଏହି ୦୩ ଦିନ ମଧ୍ୟରେ ସେମାନଙ୍କର ବିଜକ୍ଷ ଦାଖଲ ନ କରନ୍ତି ତେବେ ସେମାନଙ୍କ ପ୍ରାର୍ଥୀତ୍ୱକୁ ସାଧାରଣ ସେବା ଗୃହରକ୍ଷୀ ପ୍ରାର୍ଥୀ ଭାବରେ ବିବେଚନା କରାଯିବ । ଏହି ତାଲିକା ଯାଜପୁର ଜିଲ୍ଲାର ସମସ୍ତ ବ୍ଲକ ଅଫିସ,ତହସିଲ ଅଫିସ, ଓ ସମସ୍ତ ଥାନା ମାନଙ୍କରେ ଲାପକନ୍ତ ହେବ । ଆହୁରି ଏହା ମଧ୍ୟ ଯାଜପୁର ପୁଲିସ ର social media, SP jajpur facebook and twitter SP jajpur accountରେ ଉପଲବ୍ଧ ହେବ । ଆଶୀ ମାନେ ନିଜ ନିଜର ପିଆଯାଉଥିବା ଟୁକୋଳ ନମ୍ବରକୁ ସାଥିରେ ନେଇକରି ଆସିବେ ।

ମ୍ଭମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ

ଖଣ୍ଡପଡ଼ା, ୨୨/୦୨ (ଆ.ପ୍ର) : ଖଣ୍ଡପଡ଼ା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟ ରବିବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଜଂ ବୁଷ୍ପନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ । ସଭାନିତ ଅତିଥି ଭାବେ ଏସଡିପିଓ ମଦନମୋହନ ପ୍ରଧାନ, ବିଡିଓ ଅଙ୍କୁର ଅଲିକାଷ୍ଟ, ଖଣ୍ଡପଡ଼ା କ୍ଲବ ସାସଂଂ ପ୍ରତିନିଧି ଚନ୍ଦ୍ରଭାନ୍ତ ବଳିଆର ସିଂ ପ୍ରମୁଖ ଯୋଗଦେଇ ଲଇୟ ବଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ମ୍ୟାଚରେ ବିଜାନସି କ୍ଲବ କଟକ, ଭଞ୍ଜନଗର ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ବିଜୟ କୁମାର ମଙ୍ଗରାଜ ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ସରୋଜ କୁମାର ମହାଣଣ୍ଡ ଓ ପ୍ରସନ୍ନ ନାୟକ । ଚତୁର୍ଥ ଦେଉଥିଲା ଭାବେ ସୁବାସ ଦେଇଥିଲା । ବୈଠକରେ କଦଳୀ ସହଣୀ କିସମ, ଲୁଣା କିସମ ଧାନର ଗବେଷଣା, ଲବଣାକ୍ତ ମୃତିକା ପରିଚାଳନା, ଗୋପାଳନ ରେ ସ୍ୱଳ୍ପ ଖର୍ଚ୍ଚରେ ଖାଦ୍ୟ, ଜନ୍ତୁ ପ୍ରଜାତିର ମୁଗ ଚାଷ, ବେଶୀ କିସମ ରୋଗ ପୋକ ସହନଶକ୍ତି ଥିବା ବିଭିନ୍ନ ଫସଲ ସଂରକ୍ଷଣ

ଶିରୋନାମ
ଆରମ୍ଭ
SEITHO ARAMBHA

ସୋମବାର, ୨୩ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବିଶ୍ୱମାତୃଭାଷା ଦିବସରେ ଯୁବକର୍ମଶାଳା ଅନୁଷ୍ଠିତ

ଜଗତସିଂହପୁର, ୨୨/୦୨ (ଆ.ପ୍ର) : ବିଶ୍ୱମାତୃଭାଷା ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଭଳି ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ଆନୁକୂଲ୍ୟରେ 'ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ଭୂମିକା' ଶୀର୍ଷକ ଯୁବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ତଥା ସ୍ତମ୍ଭକାର ଦେବେନ୍ଦ୍ର ନାଥ ଲାଗତ ମୁଖ୍ୟବକ୍ତା ଭାବରେ ଅଭାଷୀ ମାଧ୍ୟମରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଅଂଚଳର ପ୍ରାୟ ୨୫ ଟି ଗୁଣ୍ଡ ଭର୍ଣ୍ଣ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ । ତାଙ୍କର ବକ୍ତବ୍ୟରେ ମାତୃଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଏହା ଚିନ୍ତନ, ଲାଳନା, ସଂସ୍କୃତି, ନୀତି ଓ ପରିଚୟର ଆଧାର ସହିତ ବ୍ୟକ୍ତିତ୍ୱ ବିକାଶର ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ । ଓଡ଼ିଶାରେ ପ୍ରାଥମିକ ଶିକ୍ଷାରେ ଓଡ଼ିଆକୁ ବୁଝୁକ କରାଯାଇ କ୍ରମାଗତ ଭାବେ ଇଂରାଜୀ ଓ ଅନ୍ୟ ଭାଷାକୁ ଅନ୍ତର୍ଭୁକ୍ତ କରାଗଲେ ଛାତ୍ରଛାତ୍ରୀମାନେ ବୌଦ୍ଧିକ କ୍ଷେତ୍ରରେ ସକ୍ଷମ, ଭାବନାତ୍ମକ ଭାବେ ସୁସ୍ଥ, ସାମାଜିକ ଭାବେ ଆତ୍ମବିଶ୍ୱାସୀ ଓ ନୀତିଗତ ଭାବେ ସୁନାଗରିକ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଓଡ଼ିଶାର ବିକାଶ ଓଡ଼ିଶା ଭାଷାର ମଜବୁତ ଭିତ୍ତିଭୂମି ସହ ବହୁଭାଷୀ ବକ୍ତତା ଯୋଗୁଁ ସମ୍ଭବ ହୋଇ ପାରିବ ବୋଲି ସେ ଯୋଗଦେଇଥିବା ଦଶ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦରୋଷ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲାରୁ କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଏହି ଗୁରୁତ୍ୱପୂର୍ଣ୍ଣ କର୍ମଶାଳାରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ତରଫରୁ ଟେଟାଳି ସୋମ ପରିଚାଳନା କରିଥିବା ବେଳେ, ଏହାର ମୁଖ୍ୟ ପ୍ରଶାସନିକ ଅଧିକାରୀ ଧୃତେରାଷ୍ଟ୍ର ନାଥ କରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ସ୍ୱାତୀ ପ୍ରଭା ମିଶ୍ର, ଅଭିରାମ ଜେନା, ପ୍ରତିନିଧ୍ୟ ମହାପାତ୍ର ଉପସ୍ଥିତ ଥିଲେ ।

ବେଟି ବଚାଓ, ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ

ବଶପଲ୍ଲୀ, ୨୨/୦୨ (ଆ.ପ୍ର) : ବଶପଲ୍ଲୀ ବ୍ଲକ ସଭାଗୃହରେ ଶନିବାର ଦିନ ବେଟି ବଚାଓ ବେଟି ପଢ଼ାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହିଳା ଓ ଶିଶୁ ବିକାଶ, ବଶପଲ୍ଲୀ ଅନୁଚ୍ଛେଦର ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ସଂଯୁକ୍ତା ସାମଲ, ବିଡିଓ ଶରତ କୁମାର ମଳିକ, ଆଡଲୋକେଟ କୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ । ଲକ୍ଷ୍ୟବସରରେ ଏଥିପାଇଁ ଭଳିଷ୍ଠ ଅର୍ଥନୈତିକ ସାକ୍ଷରତା, ଅର୍ଥିକ, ସାମାଜିକ ଓ ରାଜନୈତିକ ଅଧିକାର ସମ୍ବନ୍ଧରେ ସଚେତନ କରାଯାଇଥିଲା ।

ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପଂଚମ ସନ୍ଧ୍ୟା

ଜଗତସିଂହପୁର, ୨୨/୦୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ବାଲିକୁଦା ମଣ୍ଡଳର ସାହାଡା ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପଂଚମ ସନ୍ଧ୍ୟା ଶ୍ରୀକୃଷ୍ଣଲୀଳା ସଂସ୍କୃତି ଗବେଷଣ ତଥା ତୃଷ୍ଣି ତ ଅଭାବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଧାରାବାହିକ ପ୍ରବକ୍ତା ଭାବେ ଯୋଗ ଦେଇ ବାବା ସତ୍ୟାନନ୍ଦ ଦାସ ମହାରାଜ କହିଲେ ଯେ ମର୍ଯ୍ୟାଦା ପରୁଷୋତମ ଶ୍ରୀରାମ ଓ ଲୀଳା ପରୁଷୋତମ ଶ୍ରୀକୃଷ୍ଣଙ୍କ ଲୀଳାରୁ ଆମକୁ ଅନେକ କଥା ଶିକ୍ଷାକୁ ମିଳିଥାଏ । ଗୀତା, ଭାଗବତ ଓ ରାମାୟଣ ପାଠକଲେ ଜଣେ ଅବଶ୍ୟ ଭଗବତ୍ ପ୍ରାପ୍ତି ହେବ । ବାବା ସତ୍ୟାନନ୍ଦ ତାଙ୍କ ପ୍ରବଚନ କ୍ରମରେ ଶ୍ରୀକୃଷ୍ଣଙ୍କ ଗୋପଲୀଳା ବର୍ଣ୍ଣନା କରିଥିଲେ ।ସଙ୍ଗର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାକୁ ପରିଚାଳିତ କରିଥିଲେ ସର୍ବଶ୍ରୀ ମାଧବଚନ୍ଦ୍ର, ଜ୍ୟୋତିରଂଜନ, ରଣ୍ଜୀତରଂଜନ,ସୁଦର୍ଶନ, ଆଲୋକ, ସାଲ ସାସ୍ୱତ ଓ ସୁଶ୍ରୀ ଶଭଶ୍ରୀ ରାୟ ସହଯୋଗ କରିଥିଲେ ।ସଙ୍ଗକର୍ମ କ୍ରମରେ ଅଗ୍ନି ସ୍ନାପନ, ଗୋପୀନାଥ ଓ ଗୋପାଳକୁଣ୍ଡ ଆହୁତି ପ୍ରଦାନ କରାଯାଇଥିଲା । ତାପରେ ଦିଅଁମାନଙ୍କର ଜଳାଧିବାସ, ପୁଷ୍ପ ଓ ଫଳାଧିବାସ ଅନୁଷ୍ଠିତ ହୋଇଥିଲା ।

ଚାଲିଛି ବେଆଇନ ଇଟା ଭାଟି ପୋଡା : ପ୍ରଶାସନ ନୀରବଦ୍ରଷ୍ଟା

ମାହାଙ୍ଗା, ୨୨/୦୨ (ଆ.ପ୍ର) : ରାଜ୍ୟରେ ଜଳବାୟୁ ବୃଷ୍ଟି ହେଉଥିଲା ବେଳେ ଏପରିକି ବହୁ ସହରର ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି । ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଗାଡିର ପ୍ରଦୂଷଣ ଯାଞ୍ଚ କରିବା ସହିତ କଳାମାଳା ଆଦାୟ କରୁଛନ୍ତି । ସେହେତୁ ଇଟାଭାଟିର ଧୂଆଁଳି'ଣ ପ୍ରଦୂଷଣରୁଛି । ମାହାଙ୍ଗା ବ୍ଲକର ବିଭିନ୍ନ ଂଚାୟତରେ ଶହ ଶହ ଇଟାଭାଟି ପୋଡା ଚାଲିଛି । ଏପରିକି ମାହାଙ୍ଗା ବ୍ଲକର ଭଟ୍ଟେଶ୍ୱର ଂଚାୟତର ପୁରୁଷୋତମପୁର ଅଂଚଳରେ କେନ୍ଦ୍ରପଡା ଅଂଚଳର ଲୋକ ବେଆଇନ ଭାବେ ଇଟା ପୋଡି ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି । ମାହାଙ୍ଗାର ଦ୍ୱାଂଚଂଚରରେ ଇଟାଭାଟି ପୋଡିବା କୁଟୀରଶିଳ୍ପରେ ପରିଣତ ହୋଇଛି । ଧାନ କଟାଯିବା ପରଠାରୁ ଲକ୍ଷ ଲକ୍ଷ ଇଟା ପକାଯାଇ ପୋଡା ଚାଲିଛି । ପ୍ରଶାସନ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଇଟାଭାଟି ଧୂଆଁରେ ପ୍ରତିଦିନ ବାୟୁମଣ୍ଡଳ ପ୍ରଦୂଷଣ ହେଉଛି । ଏଥିପ୍ରତି ପ୍ରଶାସନର ଚିନ୍ତା ନାହିଁ । ବେଆଇନ ଇଟା ପୋଡି ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ । ସେମେଲ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀ ମହଲରେ ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି । ପୂର୍ବ ସରକାର ଅମଳରେ ଯେଉଁଭଳି ଭାବରେ ମାହାଙ୍ଗାରେ ଇଟାବ୍ୟବସାୟ ଚାଲିଥିଲା ବର୍ତ୍ତମାନ ବିଜେଡି ସରକାର ଅମଳରେ ସେହିଭଳି ଇଟା ବ୍ୟବସାୟ ଚାଲିଛି ବୋଲି ଅଭିଯୋଗ ହେଉଛି । ସରକାର ବବନିଛି ହେଲେ ବ୍ୟବସ୍ଥା ବବନିନାହିଁ । କେବେ ସରକାର ବେଆଇନ ଇଟା ପୋଡୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ କି ନାହିଁ ସେ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି ।

ନେତାଜୀ କ୍ରିକେଟ କପ, କୁସପଙ୍ଗି ଚମ୍ପିୟାନ

ଟାଙ୍ଗୀ ଟୌଦ୍ୱାର, ୨୨/୦୨ (ଆ.ପ୍ର) : ଟାଙ୍ଗୀ ଟୌଦ୍ୱାର ବ୍ଲକ ଅଧିନ ଦ୍ୱିଅସାହି ଶ୍ରୀନିକିହାଣ୍ଡ ସ୍ଥିତ ଶନିମନ୍ଦିର ମନ୍ଦିର ପରିସରରେ ବ୍ଲକ ଦିନ ଧରି ନେତାଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ ଟି ଦଳକୁ ନେଇ କ୍ରିକେଟ ମଧ୍ୟାଳା ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ନେତାଜୀ କ୍ରିକେଟ କ୍ଲବ ଓ କୁସପଙ୍ଗି ମଧ୍ୟରେ ଖେଳା ଯାଇଥିବା ବେଳେ କୁସପଙ୍ଗି ନେତାଜୀ କ୍ଲବକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ରାଜେନ୍ଦ୍ର ପରିଡା ଖେଳକୁ ଉଦଘାଟନ କରିଥିଲା ବେଳେ ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ଭାବେ ଟୌଦ୍ୱାର ଜଟକ ଲୋକପ୍ରିୟ ବିଧାୟକ ସୌମିକ ବିଶ୍ୱାଳ ଯୋଗ ଦେଇ ପାଇଜନଲରେ ବିଜେତା ଓ ରନର୍ସ ଟିମକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଶିମିଳିପାଣ୍ଡ ସରପଂଚ ସହିତ ସ୍ଥାନୀୟ ନେତୃତ୍ୱବୃନ୍ଦ ଉପସ୍ଥିତ ଥିଲେ ।

ନୂତନ ପାଠ୍ୟ ପୁସ୍ତକର ପ୍ରଚଳନ ନିମନ୍ତେ 'ପ୍ରବୋଧ' ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନ

ତିଳିନା/ବାଣପୁର, ୨୨/୦୨ (ଆ.ପ୍ର) : ଏକବିଂଶ ଶତାବ୍ଦୀର ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦କୁ ଆଧାର କରି ଜାତୀୟ ମୌଳିକ ଶିକ୍ଷା ପ୍ରାରୂପ ୨୦୨୨ ଓ ରାଷ୍ଟ୍ରୀୟ ବିଦ୍ୟାଳୟ ଶିକ୍ଷା ପ୍ରାରୂପ ୨୦୨୩କୁ ଆଧାର କରି ଓଡ଼ିଶା ପ୍ରବେଶର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୩'ରୁ ଓଡ଼ିଶାର ବିଦ୍ୟାଳୟ ପାଠ୍ୟକ୍ରମରେ ଆମୂଳଚୂଳ ପରିବର୍ତ୍ତନ ନିମନ୍ତେ ୫ଟି ନୂତନ ପୁସ୍ତକ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କରାଯାଇଛି । ଯେଉଁ ପୁସ୍ତକ ଗୁଡ଼ିକ ଆସନ୍ତା ଶିକ୍ଷା ବର୍ଷଠାରୁ ଲାଗୁ ହେବ । ଏଣୁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା 'ପ୍ରବୋଧନ' ପ୍ରଶିକ୍ଷଣ ପୁସ୍ତିକା ଆଧାରରେ ନୂତନ ବହିଗୁଡ଼ିକୁ କିପରି ବଣ୍ଟନ କରାଯାଇ ପିଲାମାନଙ୍କ ଶିକ୍ଷଣ ବସ୍ତୁତା ବୃଦ୍ଧି କରିବା ସହିତ ସମ୍ପୂର୍ଣ୍ଣ ପିଲାମାନଙ୍କର ଉନ୍ନତ ଶିକ୍ଷି ପାଠ୍ୟକ୍ରମର ଲକ୍ଷ୍ୟ ହାସଲ କରିବା ପାଇଁ ବାଣପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ମାନସିଂହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅନ୍ତରଭିଆଗୀ ଠାରେ ତା ୧୭/୦୨/୨୦୨୬ ରିଖ ମଙ୍ଗଳବାର ଦିନ 'ପ୍ରବୋଧନ' ତାଲିମ ଶିବିରର ଉଦ୍‌ଘାଟନ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସନାତନ ଜାଲି । ବାଣପୁରରେ କିପରି ନୂତନ ଶିକ୍ଷା ନୀତି ଅନୁଯାୟୀ ନୂତନ ପାଠ୍ୟପୁସ୍ତକର ପ୍ରଣୟନର ଗୁରୁତ୍ୱ ବର୍ଣ୍ଣନା କରିଥିଲେ । ଉପସ୍ଥିତ ଅଧିକାରୀ ଥିଲେ ବିଆରସିସି.ପ୍ରଭାତ କୁମାର ସେଠୀ, ସବସ୍ୟ ନବଜିଶୋର ପ୍ରଧାନ ଓ ଅନ୍ୟମାନେ ।

ଖଣ୍ଡପଡ଼ା ଓମ୍ ସାଇ ଇଂଟରନେସନାଲ ସ୍କୁଲର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖଣ୍ଡପଡ଼ା, ୨୨/୦୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସହରର ସୁନାମଧନ୍ୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓମ୍ ସାଇ ଇଂଟରନେସନାଲ ସ୍କୁଲର ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ସ୍କୁଲ ପରିସରରେ ମହାସମାରୋହର ସହିତ ଅନୁଷ୍ଠିତ ହୋଇଯାଇଛି । ଓମ୍ ସାଇ ଇଂଟରନେସନାଲ ସ୍କୁଲର ପ୍ରତିଷ୍ଠାତା ପଂଚାନନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ଖଣ୍ଡପଡ଼ା ବ୍ଲକର ପୂର୍ବତନ ଚେୟାରମେନ ତଥା ବିଧାୟକଙ୍କ ମାଆ ସୀତା ସ୍ୱାଇଁ, ଲାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପାଇକରାୟ, ପଣ୍ଡିତ ମନୋଜ ବାଶ, ଝିଆରପିସି ପ୍ରଭାତ କୁମାର ସେଠୀ, ସମାଜସେବୀ ବିରଂଚି ନାରାୟଣ ଦାଶ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଶିକ୍ଷଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟକ୍ଷ ସୀତାରାମ ସାହୁ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ ଅତିଥି ମାନେ ସାଇ ସମ୍ମାନ ପତ୍ରିକା ଉନ୍ମୋଚନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୀତାରାମ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାଗସରେ ଅତିଥି ମାନେ ଜଗତଜନନୀ ଜଗନ୍ମାତାଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିଥିଲେ । ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିବା ବେଳେ ଛାତ୍ରୀ ଶ୍ରୁତି ସାରରିକା ଦୃଷ୍ଟି ଓ ମିତେଶ ପ୍ରଜାପତି ଦଳେର ଜୁଡି ଭଦଗୋଷିଲା କାର୍ଯ୍ୟ ତୁଲାଇ ଥିଲେ । ପରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଟକ ଭୂମିକା ଦୁଇ କୁଡ଼କୁ ଜିତା ପରିବେଶିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଦ୍ୟାଳୟ ପକ୍ଷରୁ ସମସ୍ତଙ୍କ ପାଇଁ ଖାଦ୍ୟ ସେବାର ବ୍ୟବସ୍ଥା କରାଯାଇଥିଲା ।

ସାହିତ୍ୟିକ କଲ୍ଲୋଳଚନ୍ଦ୍ର ମହାନ୍ତିଙ୍କ ଜନ୍ମଦିବସ ଅବସରରେ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ

ମାହାଙ୍ଗା, ୨୨/୦୨ (ଆ.ପ୍ର) : ମାହାଙ୍ଗା ବ୍ଲକର ଗୋପାଳପୁର ଂଚାୟତସ୍ଥିତ ଦୁଲୁଗୁରେ ଦ୍ୱିତୀୟ ଲକ୍ଷ ସାହିତ୍ୟ ସଂସ୍କୃତି ସଂସଦର କୋଷାଧ୍ୟକ୍ଷ କଲ୍ଲୋଳଚନ୍ଦ୍ର ମହାନ୍ତିଙ୍କର ୮୦ତମ ସ୍ୱନକ୍ଷତ୍ର ଦିବସ ଏବଂ ଦିବ୍ୟଜନନୀ ଶ୍ରୀମାଆଙ୍କ ୧୪ ତମ ଜନ୍ମତିଥି ଅବସରରେ ଏକ ପାଠଚକ୍ର ସମ୍ମିଳନୀ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଗସରେ ଶ୍ରୀମାଆ ଶ୍ରୀ ଅରବିନ୍ଦଙ୍କର ଫଟୋଚିତ୍ରରେ ଧୂପପୁଷ୍ପ ଅର୍ପଣ ପୂର୍ବକ ସମବେତ ଧ୍ୟାନ କରାଯାଇଥିଲା । ପରେ ଦୁର୍ଗାଷ୍ଟୋତ୍ର, ମାଆ ବନ୍ଦିର ତୃତୀୟ ଅଧ୍ୟାୟ ପଠନ କରାଯିବା ସହିତ ମାତୃ ସଂଗୀତ ଗାନ କରାଯାଇଥିଲା । ଦିବ୍ୟଜନନୀ ଶ୍ରୀ ମାଆ ଶୀର୍ଷକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଶିକ୍ଷାବିତ ବ୍ରଜସୁନ୍ଦର ନାୟକ, ଜଦି ସଦାଶିବ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ମାତୃସାଧକ ଗୌତମ ଚରଣ ଜେନା, ଶରତ ଚନ୍ଦ୍ର ମହାନ୍ତି, ଆଲୋକ କୁମାର ମହାରଣା, ସୁଗଣ୍ଡ ଚନ୍ଦ୍ର ମହାନ୍ତି, ମହିମାଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ସାମାଜିକ ବିଜୟ କୁଣ୍ଡିର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, କବି ପ୍ରଫୁଲ୍ଲ କୁମାର ସିଂ, ଗଦାଧର ପାଣି ପ୍ରମୁଖ ଯୋଗଦେଇ ଶ୍ରୀ ମାଆଙ୍କ ଆଦର୍ଶାଦ୍ଭାବ ଓ ତାଙ୍କର କାର୍ଯ୍ୟଶୈଳୀ ସଂପର୍କରେ ତାତ୍ତ୍ୱିକ ତଥ୍ୟ ସମ୍ବଳିତ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଏହି ଅବସରରେ ସାହିତ୍ୟିକ କଲ୍ଲୋଳ ଚନ୍ଦ୍ର ମହାନ୍ତିଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଶ୍ରୀ ମହାନ୍ତି ନିଜ ବକ୍ତବ୍ୟରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନଙ୍କୁ କଲ୍ୟାଣ ସୂଚକ ବାର୍ତ୍ତା ପ୍ରଦାନ କରିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଆଶିଷ ଜିଜ୍ଞାସା କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଆଂଚଳିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍গ ଶିକ୍ଷାକେନ୍ଦ୍ରର ଅପା ଭାଇଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଭୁବନେଶ୍ୱରରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୨/୦୨ (ଆ.ପ୍ର) : ଓଡ଼ିଶା କଳିଙ୍ଗ ସମ୍ରାଟ୍ ଖାରବେଳ ବିଶ୍ୱର ସବୁଠାରୁ ଦେଶପ୍ରେମୀ ଓ ନୀତିନିଷ୍ଠ ଶାସକ ଥିଲେ । ସେ ସର୍ବଦା ଭାରତୀୟମାନଙ୍କ ଲାଗି ଏକ ଅଖଣ୍ଡ ହିନ୍ଦୁ ଭାରତରାଷ୍ଟ୍ରର ସ୍ୱପ୍ନ ଦେଖୁଥିଲେ ବୋଲି ଭାରତ ରକ୍ଷା ମଂଚର ରାଷ୍ଟ୍ରୀୟ ସଂଗଠନ ସଚିବ ମହାବୀର ଜୀ ରବିବାର ଦିନ କହିଛନ୍ତି । ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଆୟୋଜିତ ଛତ୍ରପତି ଶିବାଜୀ ମହାରାଜଙ୍କ ଜନ୍ମଜୟନ୍ତୀ ଉତ୍ସବରେ ଏକ ଦାର୍ଢ ବକ୍ତୃତା ଦେବା ଅବସରରେ ଶ୍ରୀ ମହାବୀର ଜୀ ଖାରବେଳଙ୍କ ଦେଶପ୍ରେମର ଉଦାହରଣ ଦେଇ କହିଲେ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଯେଉଁ ସମୟରେ ସମ୍ରାଟ୍ ଖାରବେଳ ମଗଧ ଆକ୍ରମଣ କରି ସମ୍ରାଟ୍ ଅଶୋକଙ୍କ କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ନେବାକୁ ଯାଇଥିଲେ, ସେହି ଏକା ସମୟରେ ମଗଧ ମଧ୍ୟ ଗ୍ରୀକ୍‌ବୀୟ ଡିମେଟିୟସଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲା । ଜଣେ ବିଦେଶୀ ଶତ୍ରୁର ଆକ୍ରମଣ ଖାରବେଳଙ୍କ ପସନ୍ଦ ନଥିଲା । ତେଣୁ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ବଜାୟ ରଖିଲା ଭାରତ'ଏ'

ବ୍ୟାଙ୍କକ୍, ୨୨/୨(ନ୍ୟୁ.ଏ): ବାଂଲାଦେଶ 'ଏ'କୁ ୪୬ ରନ୍‌ରେ ପରାସ୍ତ କରି ଭାରତ 'ଏ' ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ବଜାୟ ରଖିଛି । ରବିବାର ଖେଳାଯାଇଥିବା ଫାଇନାଲ୍‌ରେ ଭାରତୀୟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା । ଭାରତ 'ଏ' ପକ୍ଷରୁ ତ୍ରିତା ବିନେଶ (୧୭ ବଲ୍‌ରୁ ୧୯) ଓ ନନ୍ଦିନୀ କଶ୍ୟପ୍ (୧୫ ବଲ୍‌ରୁ ୮ ରନ୍) ପ୍ରଥମ ୱିକେଟ୍ ଯୋଡ଼ିରେ ୩୦ ରନ୍ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ ବି ୩୦ରୁ ୪୪ ରନ୍ ମଧ୍ୟରେ ୪ଟି ୱିକେଟ୍ ହରାଇଥିଲା । ତେବେ ମଧ୍ୟକ୍ରମରେ ଡେଲନ୍ ହସବନିସ୍ (୩୪ ବଲ୍‌ରୁ ୫୧ ରନ୍) ଓ ରାଧା ଯାଦବ (୩୦ ବଲ୍‌ରୁ ୩୬ ରନ୍) ୬୯ ରନ୍‌ର ଏକ ଉପଯୋଗୀ ଭାଗୀଦାର କରି ଦଳୀୟ ସ୍କୋରକୁ ଏକ ସମ୍ମାନଜନକ ସ୍ଥିତିକୁ ନେଇଯାଇଥିଲେ । ବାଂଲାଦେଶ 'ଏ' ପକ୍ଷରୁ ଫାହିମା ଖାତୁନ ୨୫ ରନ ବିନିମୟରେ ୪ଟି ୱିକେଟ୍ ନେଇଥିଲେ । ଜବାବରେ ବାଂଲାଦେଶ 'ଏ' ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୧ ଓଭରରେ ମାତ୍ର ୮୮ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ସମିମା ସୁଲତାନା ୨୦ ରନ୍ କରିଥିବାବେଳେ ସରମିନ୍ ସୁଲତନା ୧୮ ରନ୍ କରିଥିଲେ । ଭାରତ ପକ୍ଷରୁ ପ୍ରେମା ରାଣ୍ଡାଙ୍ ୧୨ ରନ୍ ବିନିମୟରେ ୩ଟି ୱିକେଟ୍ ନେଇଥିବାବେଳେ ସୋନିଆ ମେଣ୍ଡିଆ ଓ ତନୁଜା କନୱରେ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଅର୍ଦ୍ଧଶତକ ଅର୍ଜନ କରିଥିବା ଡେଲନ୍ ହସବନିସ୍‌କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା ।

୪୦ ବର୍ଷରେ ଦ୍ୱିତୀୟ ବିବାହ କଲେ ଶିଖର ଧାୱନ

ନୂଆଦିଲ୍ଲୀ, ୨୨/୨(ନ୍ୟୁ.ଏ): ଭାରତୀୟ କ୍ରିକେଟରଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ । ଶିଖରଙ୍କର ହେଲେ ସୋଫି । ଶିଖର ଧାୱନ ଯିଏକି ରବୁଲ ନାମରେ ଜଣାଶୁଣା, ସେ ତାଙ୍କ ଜୀବନର ଆଉ ଏକ ନୂଆ ଆରମ୍ଭ କରିଛନ୍ତି । ତାଙ୍କ ଲେଡି ଲଭ୍ ସୋଫି ସାଇନଙ୍କ ସହ ସାତଫେରା ନେଇ ଜୀବନସାଥୀ କରିଛନ୍ତି ଶିଖର ଧାୱନ । ସୋସିଆଲ ମିଡିଆରେ ଶିଖର-ସୋଫିଙ୍କ ବିବାହ ଫଟୋ ସାମ୍ନାକୁ ଆସିଛି । ୟୁଟେଭ୍ରେ ଚହଲ ସେୟାର କରିଥିବା ଫଟୋରେ ଦେଖିବାକୁ ମିଳିଛି ସୋଫି ମନୀଷ ମଲହୋତ୍ରାଙ୍କ ଆଲବରୀ ଥ୍ରୀଡି ଲେହେଙ୍ଗା ପିନ୍ଧିଛନ୍ତି । ସେହିପରି ଶିଖର ଧାୱନଙ୍କ ଶେରୱାନୀ ଏବଂ ପଗଡିରେ ରୟାଲ ଲୁକରେ ନଜର ଆସିଛନ୍ତି । ଫଟୋ ସେୟାର କରି ଚହଲ ଲେଖିଛନ୍ତି 'ଆଜି ମୋର ବନ୍ଧୁର ବାହାଘର' । ନବବିବାହିତ ଶିଖର-ସୋଫିଙ୍କୁ ସାଥୀ ଖେଳାଳିଙ୍କ ଶୁଭେଚ୍ଛାର ସୁଅ ଛୁଟିଛି । ଶିଖରଙ୍କ ପାର୍ଟନର ପତ୍ନୀ ରିତିକାଙ୍କ ସହ ରୋହିତ ଏବଂ ଆରପି ସିଂ ସାମିଲ ହୋଇଥିବା ଦେଖିବାକୁ ମିଳିଛି । ଚର୍ଚ୍ଚା-ଆଲୋଚନାରେ ପୂର୍ଣ୍ଣଛେଦ ପକାଇ କ୍ଷେତ୍ରରେ ଶିଖର ଧାୱନ ଦ୍ୱିତୀୟ ଥର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଗର୍ଲଫ୍ରେଣ୍ଡ ସୋଫି ସାଇନଙ୍କୁ ବିହାର କରିଛନ୍ତି । ସୋଫି ଲେହେଙ୍ଗାକୁ ମ୍ୟାଚ ଜରି ନେଟ୍, ଓଢଣୀ ପକାଇଥିଲେ । ଯାହା ତାଙ୍କ ଲୁକରେ ଚାରଚାନ୍ଦ ଲଗାଇଥିଲା । ଅନେକଙ୍କ କଥା କହିବାକୁ ଗଲେ ସୋଫି ମୋତି, କନ୍ଦନ ହାର ଏବଂ ଛୋଟ ବିନ୍ଦି ଲଗାଇଥିଲେ । ସୋଫିଙ୍କ ଲେହେଙ୍ଗାର ମୂଲ୍ୟ ପ୍ରାୟ ୮୨୫,୦୦୦ ବୋଲି ଜଣାପଡୁଛି । ଶିଖର ଧାୱନ ଧନୀ ଏମ୍ବାସାଡୋରୀ ଶେରୱାନୀ ସହ ସୁନ୍ଦର ପଗଡି ପିନ୍ଧି ରାଜକୀୟ ଲୁକରେ ନଜର ଆସିଥିଲେ । ବେକରେ ଲମ୍ବା ମଲୁ ହାର ମଧ୍ୟ ପକାଇଥିଲେ । ଚହଲ ଏକ ଭିଡିଓ ସେୟାର କରିଛନ୍ତି ଯେଉଁଥିରେ ବିବାହରେ ଅତିଥି ମାନେ ନାଚୁଥିବା ଦେଖିବାକୁ ମିଳିଛି ।

ଇରାନରେ ପୁଣି ପ୍ରତିବାଦର ନିଆଁ; ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରଛାତ୍ରୀ

ତେହେରାନ୍, ୨୨/୨(ନ୍ୟୁ.ଏ): ଇରାନ-ଆମେରିକା ଉତେଜନା ଭିତରେ ଇରାନରେ ପୁଣି ପ୍ରତିବାଦର ନିଆଁ ଦେଖିବାକୁ ମିଳିଛି । ଶନିବାର ଦିନ ତେହେରାନ ଓ ମଶାଦରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶହ ଶହ ଛାତ୍ର ଶୋଭାଯାତ୍ରାରେ ଆରମ୍ଭ କରିଛନ୍ତି । ଗତ ମାସର ହିଂସା ପରେ ସବୁଠାରୁ ବଡ଼ ଛାତ୍ର ରାଲି ସରିଫ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ଅମିର କବୀର ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଓ ଇରୟ ସହରର ଅନେକ ମେଡିକାଲ ସାଇନ୍ସ ୟୁନିଭରସିଟିରେ ଦେଖିବାକୁ ମିଳିଛି । ରାଜଧାନୀର ସରିଫ ବିଶ୍ୱବିଦ୍ୟାଳୟରେ, ଇରାନ ପତାକା ଧରି ଛାତ୍ରଛାତ୍ରୀମାନେ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲି ଖୋମିନିଙ୍କ ନାମରେ 'ଏକଛତ୍ରବାଦୀଙ୍କ ମୃତ୍ୟୁ ହେଉ' ନାରା ଦେବା ସହିତ ସରକାର ବିରୋଧୀ ଓ ରାଜପନ୍ଥ ସମର୍ଥନରେ ନାରାବାଜୀ କରିଛନ୍ତି । ତେହେରାନର ସହିତ ବେହେଷ୍ଟି ବିଶ୍ୱବିଦ୍ୟାଳୟରେ ମଧ୍ୟ ଶାନ୍ତି ପୂର୍ଣ୍ଣ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ଇରାନର ଦ୍ୱିତୀୟ ବୃହତ୍ତମ ସହର ମାଶହାଦରେ, ଛାତ୍ରମାନେ 'ଆଜାଦୀ, ଆଜାଦୀ' ନାରା ଦେଇ ସେମାନଙ୍କ ସାଥୀମାନଙ୍କୁ ନିଜ ଅଧିକାର ପାଇଁ ସ୍ୱର ଉଠାଇବାକୁ ଆହ୍ୱାନ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ମାସକ ପୂର୍ବରୁ ଇରାନରେ ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ଏହି ପ୍ରତିବାଦକୁ ନେଇ କଠୋର ହୋଇଥିଲେ ଖୋମିନି ସରକାର, ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଥିଲେ, ଯେଉଁଥିରେ ପ୍ରାୟ ୭ହଜାର ଲୋକଙ୍କ ଜୀବନ ଯାଇଥିବା କଥା କୁହାଯାଇଥିବାବେଳେ ଇରାନ ସରକାର ଜାନୁଆରୀ ୨୧ ତାରିଖରେ ୩୧ ୧୭ ଜଣଙ୍କ ମୃତ୍ୟୁ ହୋଇଥିବା କଥା ପ୍ରକାଶ କରିଥିଲେ ।

୫ ଲକ୍ଷ ଟଙ୍କା ଲାଂଚ ନେଉଥିବା କର୍ଣ୍ଣାଟକର ବିଜେପି ବିଧାୟକ ଗିରଫ

ବେଙ୍ଗାଲୁରୁ, ୨୨/୨(ନ୍ୟୁ.ଏ): ଏକ ବଡ଼ ଦୁର୍ନୀତି ବିରୋଧୀ ଅଭିଯାନରେ, କର୍ଣ୍ଣାଟକ ଲୋକାୟୁକ୍ତ ପୁଲିସ ଜାଲ ବିଛାଇ ଜଣେ ବିଜେପି ବିଧାୟକଙ୍କୁ ଏକ ଜଳସେଚନ ପ୍ରକଳ୍ପ ସହିତ ଜଡିତ ଲାଂଚ ମାମଲା ଅଭିଯୋଗରେ ଗିରଫ କରିଛି । ଗଡଗ ଜିଲ୍ଲାର ଚିଂଚଲିର ଲୁଧ-୧ ଠିକାଦାର ବିଜୟ ପୁଜାରଙ୍କ ଅଭିଯୋଗ ଆଧାରରେ, ବିଜେପି ବିଧାୟକ ଚନ୍ଦ୍ର ଲାମାନି ଓ ତାଙ୍କର ଦୁଇ ସହାୟକ ମଞ୍ଜୁନାଥ ବାଲୁଗି ଏବଂ ଗୁରୁଲିଙ୍ଗାଙ୍କୁ ଗିରଫ କରାଯାଇଛି । ଲାମାନି ଶିରାହଟ୍ଟି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ । ଶ୍ରୁତ୍ର ଜଳସେଚନ ବିଭାଗ ଅଧୀନରେ ରାସ୍ତାର ଉଭୟ ପାର୍ଶ୍ୱରେ ରିଟେନିଙ୍ଗ୍ ୱାଲ୍ ନିର୍ମାଣ କାର୍ଯ୍ୟର ଟେଣ୍ଡରପାଇ ପାଇଁ ଠିକାଦାରଙ୍କଠାରୁ ୧୧ ଲକ୍ଷ ଟଙ୍କା ଲାଂଚ ଦାବି କରାଯାଇଥିବା ଅଭିଯୋଗ ହୋଇଛି । ବିଧାୟକ ଓ ଅନ୍ୟ ଦୁଇ ଅଭିଯୁକ୍ତ ୫ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ବେଳେ ସେମାନଙ୍କୁ ଗିରଫ କରାଯାଇଛି । ଲୋକାୟୁକ୍ତ ଅଧିକାରୀମାନେ ତିନି ଜଣଙ୍କୁ ନିଜ ହେପାଜତକୁ ନେଇଛନ୍ତି । ଦୁର୍ନୀତି ନିବାରଣ ଆଇନ, ୧୯୮୮ ର ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ।

ହାତ ସହ ୩୨ ବର୍ଷର ସମ୍ପର୍କ ତୁଟିଲା : ପଦ୍ମ ଧରିଲେ ଭୂପେନ ବୋରା

ଗୁୱାହାଟି, ୨୨/୨(ନ୍ୟୁ.ଏ): ଆସାମରେ ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳକୁ ସବୁଠାରୁ ବଡ଼ ଝଟକା ଲାଗିଛି । ଦଳର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ଭୂପେନ କୁମାର ବୋରା ରବିବାର ଆନୁଷ୍ଠାନିକ ଭାବରେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଛନ୍ତି । ଗୁୱାହାଟୀରେ ଏକ କାର୍ଯ୍ୟକ୍ରମ ସେ କଂଗ୍ରେସ ସହ ଥିବା ୩୨ ବର୍ଷର ପୁରୁଣା ସମ୍ପର୍କ ଭାଙ୍ଗି ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଭାପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ଆସାମ ପ୍ରଦେଶ କଂଗ୍ରେସ କମିଟି(ଏପିସିସି) ର ପୂର୍ବତନ ଅଧ୍ୟକ୍ଷ ଭୂପେନ ବିଜେପିରେ ଯୋଗଦେବା ପରେ ଆସାମ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି । ବିଜେପି ରାଜ୍ୟ ସଭାପତି ଦିଲୀପ ସାଇକିଆ, ସାଂସଦ ବିଜୟନ୍ତ ପଣ୍ଡା ଓ ରାଜ୍ୟ ମନ୍ତ୍ରୀ ଜୟନ୍ତ ମଲ୍ଲ ବରୁଆଙ୍କ ସମେତ ଅନେକ ବରିଷ୍ଠ ନେତା ଗୁୱାହାଟୀରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବୋରାଙ୍କ ବିଜେପିରେ ଯୋଗଦାନ କେବଳ କଂଗ୍ରେସ ପାଇଁ ଏକ ସାଂଗଠନିକ କ୍ଷତି ନୁହେଁ, ବରଂ ରାଜ୍ୟରେ ଶାସକ ଦଳର ବଢୁଥିବା ପ୍ରଭାବକୁ ମଧ୍ୟ ପ୍ରତିଫଳିତ କରିଛି । ବିଜେପିରେ ଯୋଗଦେବା ପରେ ପରେ, ଭୂପେନ ବୋରା କଂଗ୍ରେସ ନେତୃତ୍ୱ ବିଶେଷକରି ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି । ଭାବପ୍ରବଣ ହୋଇ ସେ କହିଛନ୍ତି ଯେ, ସେ ୩୨ ବର୍ଷ ଧରି ସମ୍ପୂର୍ଣ୍ଣ ସଚ୍ଚୋଟ ଓ ନିଷ୍ଠାର ସହିତ ଦଳର ସେବା କରିଛନ୍ତି, କିନ୍ତୁ କଂଗ୍ରେସ ଦଳ ଏବେ ଏହାର ମୂଳ ମୂଲ୍ୟବୋଧକୁ ବୁଡେଇ ଯାଇଛି । ଏକ ଆଶ୍ଚର୍ଯ୍ୟଜନକ ବିବୃତିରେ, ବୋରା କହିଛନ୍ତି, ଆଜି ମୁଁ ଯେଉଁ ପୋଷାକ ପିନ୍ଧିଛି ତାହା ମୋ ରକ୍ତରେ ରଙ୍ଗୀନ । ଏହି ରକ୍ତ ରାହୁଲ ଗାନ୍ଧୀଙ୍କ ଭାପତ୍ତିରେ ଲାଗିଥିଲା । ସେ ଅଭିଯୋଗ କରିଛନ୍ତି, କଂଗ୍ରେସ ଦଳ ଜାତୀୟ ଗର୍ବ ଓ ସ୍ୱାଭିମାନର ପ୍ରତୀକରେ ସାଲିସ କରୁଛି । ଯାହାକୁ ଜଣେ ଜାତୀୟତାବାଦୀ ଭାବରେ ମୁଁ ଗ୍ରହଣ କରିପାରିବି ନାହିଁ । ସେ ସ୍ପଷ୍ଟ କରିଛନ୍ତି, ତାଙ୍କର ନିଷ୍ପତ୍ତି ଏକ କ୍ଷଣିକ ନିଷ୍ପତ୍ତିର ପରିଣାମ ନୁହେଁ, ବରଂ ଗଭୀର ଆତ୍ମଚିନ୍ତନର ପରିଣାମ । ଭୂପେନ ବୋରାଙ୍କ ବିଜେପିରେ ଯୋଗଦାନ ପୂର୍ବରୁ ସ୍ଥିର ହୋଇସାରିଥିଲା । ସେ ଶୁକ୍ରବାର ରାତିରେ ଗୁୱାହାଟୀରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଉପସ୍ଥିତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ । ଯଦିଓ ସେତେବେଳେ ସେ ଏହାକୁ ଏକ ସୌଜନ୍ୟମୂଳକ ଭେଟ ବୋଲି କହିଥିଲେ । କିନ୍ତୁ ଏହି ସାକ୍ଷାତ ତାଙ୍କ ଭବିଷ୍ୟତ ବିଷୟରେ ସଙ୍କେତ ଦେଇଥିଲା । ସୂତ୍ର ଅନୁସାରେ, ଯେତେବେଳେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ, ଦଳର ହାଇକମାଣ୍ଡ ଏହାକୁ ଗୁରୁତ୍ୱ କରିନଥିଲେ । ରାହୁଲ ଗାନ୍ଧୀ ତାଙ୍କୁ ବ୍ୟକ୍ତିଗତ ଭାବରେ ଫୋନ୍ କରି ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ କହିଥିଲେ ଏବଂ ଅନେକ ବରିଷ୍ଠ ନେତା ତାଙ୍କ ବାସଭବନକୁ ଯାଇଥିଲେ । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପ୍ରତି ତାଙ୍କର ବଢୁଥିବା ବିଶ୍ୱାସ କଂଗ୍ରେସକୁ ତାଙ୍କ ଫେରିବା ପାଇଁ ସମସ୍ତ ରାସ୍ତା ବନ୍ଦ କରିଦେଇଥିଲା । ଭୂପେନ ବୋରା ଛାତ୍ର ରାଜନୀତିରୁ କମିକ ରାଜନୀତିରେ ଉଚ୍ଚ ନିୟନ୍ତ୍ରଣ ଥିବା ନେତା ଭାବରେ ଜଣାଶୁଣା । ବିଜେପିରେ ଯୋଗଦେବା ବିଷୟରେ ଦିଲୀପ ସାଇକିଆ କହିଛନ୍ତି ଯେ, ଭୂପେନଙ୍କ ସାଂଗଠନିକ କ୍ଷମତା ଦଳରେ ନୂତନ ଶକ୍ତି ସଂଚାର କରିବ । ଭୂପେନ କହିଛନ୍ତି, ଜାତୀୟତାବାଦୀ ଭାବନା ଥିବା ଆସାମ କଂଗ୍ରେସର ପ୍ରାୟ ୫୦ ପ୍ରତିଶତ କର୍ମୀ ମାର୍ଚ୍ଚ ମାସରେ ବିଜେପିରେ ଯୋଗଦେବେ । ଏହି ଘଟଣାରୁ ଜଣାଯୁଛି, ଆସାମରେ କଂଗ୍ରେସ ଆଭ୍ୟନ୍ତରୀଣ କଳହ ଏବଂ ନେତୃତ୍ୱ ସଙ୍କଟରେ ପଡ଼ିଛି, ଯେତେବେଳେ ବିଜେପି ନିଜର ସ୍ଥିତିକୁ ଆହୁରି ମଜବୁତ କରୁଛି ।

ସୁପର- ୮ ମୁକାବିଲା : ୯୫ ରନରେ ଅଲଆଉଟ୍ ହେଲା ଶ୍ରୀଲଙ୍କା

ନୂଆଦିଲ୍ଲୀ, ୨୨/୨(ନ୍ୟୁ.ଏ): ସୁପର-୮ର ପ୍ରଥମ ମୁକାବିଲା । ପରାଜୟରୁ ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା । ଇଂଲଣ୍ଡ ବିପକ୍ଷ ପ୍ରଥମ ସୁପର-୮ ମୁକାବିଲାରେ ୯୫ ରନରେ ଅଲଆଉଟ୍ ହୋଇଛି ସେ । ଦଳର ୪ ଜଣ ଖେଳାଳିଙ୍କୁ ଛାଡ଼ିଦେଲେ ବାଜି ଖେଳାଳି ଦୁଇଅଙ୍କ ମଧ୍ୟ ଛୁଇଁପାରିନଥିଲେ । ଦଳ ପକ୍ଷରୁ ସଜାକା ସର୍ବାଧିକ ୩୦ ରନ୍ କରିଥିଲେ । ବାଜି ଖେଳାଳି ସେମିତି ଆଖି ଦୃଷ୍ଟିଛା ପ୍ରଦର୍ଶନ କରିପାରିନଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭର ମଧ୍ୟରେ ୯ ୱିକେଟ୍ ବିନିମୟରେ ୧୪୬ ରନ୍ କରିଥିଲା । ଲାଗୁଥିଲା ଶ୍ରୀଲଙ୍କା ସହଜରେ ଘରୋଇ ମାଟିରେ ବିଜୟ ହାସଲ କରିବେବ । ମାତ୍ର ଦଳରେ କେ ?ଣସି ବ୍ୟାଟ୍ସମ୍ୟାନ ଇଂଲେଣ୍ଡ ବୋଲରଙ୍କ ଆଗରେ ଟିକିଏ ପାରିନଥିଲେ । ମାତ୍ର ୯୫ ରନରେ ଅଲଆଉଟ୍ ହୋଇଥିଲେ । ଇଂଲଣ୍ଡର ଅପନର ବ୍ୟାଟ୍ସମ୍ୟାନ ଫିଲ ସଲ୍ଟ ୬୨ ରନର ପାରି ଖେଳିଥିଲେ । ଡ୍ରିଲ୍ ବ୍ୟାଙ୍କ ଏହି ମ୍ୟାଚରେ ୩ ୱିକେଟ ଅଲିଆଉଟ କରିଥିବାବେଳେ ୨୧ ରନ୍ ସଂଗ୍ରହ କରିଥିଲେ । ସେ ଏହି ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆମେରିକାରେ ହନୁମାନ ପ୍ରତିମାକୁ ନେଇ ହଙ୍ଗାମା

ନୂଆଦିଲ୍ଲୀ, ୨୨/୨(ନ୍ୟୁ.ଏ): ଆମେରିକାରେ ଭାରତୀୟ-ଆମେରିକୀୟ ସମ୍ପ୍ରଦାୟ ଏବେ କିଛି କଟ୍ଟରପନ୍ଥୀ ଗୋଷ୍ଠୀର ଟାର୍ଗେଟରେ ଅଛନ୍ତି । ଟେକ୍ସାସର ସୁଗାର ଲ୍ୟାଣ୍ଡରେ ରହିଛି ଭଗବାନ ହନୁମାନଙ୍କ ୯୦ ଫୁଟ୍ ଉଚ୍ଚର ପ୍ରତିମା । ଯାହାକୁ ନେଇ ଜଣେ କଞ୍ଜରଭେଟିଭ୍ ରାଜନୈତିକ କର୍ମୀଙ୍କ ଆପତ୍ତିଜନକ ମନ୍ତବ୍ୟ ଏବେ ଏକ ବଡ଼ ବିବାଦ ସୃଷ୍ଟି କରିଛି । ଟେକ୍ସାସର କଞ୍ଜରଭେଟିଭ୍ ଆକ୍ଟିଭିଷ୍ଟ କାଲୋସ୍ ଟର୍ସିଓସ୍ ସୋସିଆଲ ମିଡିଆ ଏକ୍ସରେ ଏହି ବିଶାଳ ହନୁମାନ ପ୍ରତିମାକୁ ନେଇ ଏକ ଲିଖିତ ସେୟାର କରିଛନ୍ତି । ସେ ଏହାକୁ 'ଆର୍ଡ ଓ୍ୱର୍ଲ୍ଡ ଏଲିୟନ୍'ଙ୍କ ଦ୍ୱାରା ଆମେରିକା ଦଖଲ କରିବାର ଏକ ସଙ୍କେତ ବୋଲି କହିଛନ୍ତି । କାଲୋସ୍ ଟର୍ସିଓସ୍ କହିଛନ୍ତି 'ଏହା ପାକିସ୍ତାନର ଇସଲାମାବାଦ ଜିଲ୍ଲା ଭାରତର ନୂଆଦିଲ୍ଲୀ ନୁହେଁ । ଏହା ଟେକ୍ସାସର ସୁଗାର ଲ୍ୟାଣ୍ଡ । ତୃତୀୟ ବିଶ୍ୱର ଲୋକମାନେ ଧୀରେ ଧୀରେ ଆମେରିକାକୁ ଦଖଲ କରୁଛନ୍ତି । ଅନୁପ୍ରବେଶ ବନ୍ଦ କରନ୍ତୁ ।' ଭାରତୀୟ-ଆମେରିକୀୟ ସମ୍ପ୍ରଦାୟ ଟର୍ସିଓସଙ୍କ ମନ୍ତବ୍ୟକୁ ବିବେଶୀ ବିରୋଧୀ ଏବଂ ଜାତିଭେଦୀ ବୋଲି କହିଛନ୍ତି । ସେମାନଙ୍କ ଯୁକ୍ତି ହେଉଛି ଏହି ପ୍ରତିମା ସମ୍ପୂର୍ଣ୍ଣ ଭାବେ ନିଜସ୍ୱ କମିରେ ଏବଂ ହିନ୍ଦୁ ସମ୍ପ୍ରଦାୟର ନିଜସ୍ୱ ଅର୍ଥରେ ନିର୍ମିତ । ଏହା ଆମେରିକାର ସାମ୍ବିଧାନିକ ଧାର୍ମିକ ସ୍ୱାଧୀନତାର ଏକ ଅଂଶ । ଆମେରିକାର ଅର୍ଥନୀତି ଓ ପ୍ରଗତିରେ ଭାରତୀୟଙ୍କ ଯୋଗଦାନ ଅତୁଳନୀୟ, ତେଣୁ ସେମାନଙ୍କୁ ବାହାର ଲୋକ କହିବା ଅନୁଚିତ୍ । ଏହି ୯୦ ଫୁଟ୍ ଉଚ୍ଚର ପ୍ରତିମାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' କୁହାଯାଏ, ଯାହା ଶ୍ରୀ ଅଷ୍ଟଲକ୍ଷ୍ମୀ ମନ୍ଦିର ପରିସରରେ ଅବସ୍ଥିତ । ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଏବଂ ଯେଉସାସ୍ ପରେ ଆମେରିକାରେ ଏହା ତୃତୀୟ ସର୍ବୋଚ୍ଚ ପ୍ରତିମା । ଏହାର ନିର୍ମାଣ ପାଇଁ ପ୍ରାୟ ୮ ମିଲିୟନ ଡଲାର ଖର୍ଚ୍ଚ ହୋଇଛି । ୨୦୨୪ରେ ଏହାର ଉଦ୍‌ଘାଟନ ସମୟରେ 'ବନ୍ଦେ ମାତରମ୍' ସହ ଆମେରିକାର ଜାତୀୟ ସଙ୍ଗୀତ ମଧ୍ୟ ବଜାଯାଇଥିଲା, ଯାହା ଭାରତ-ଆମେରିକା ସଂସ୍କୃତିର ମିଳନକୁ ବର୍ଣ୍ଣାଇଥିଲା । ଏହା ପ୍ରଥମ ଥର ନୁହେଁ, ପୂର୍ବରୁ ମଧ୍ୟ କିଛି ରିପବ୍ଲିକାନ୍ ନେତା ଏହାକୁ 'ଅସଲି ଭଗବାନ ନୁହନ୍ତି' କହି ବିବାଦ ସୃଷ୍ଟି କରିଥିଲେ । ବିଶେଷଜ୍ଞଙ୍କ ମତରେ, ଆମେରିକାରେ ଗାଇଏଇ (ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ବିଚାରଧାରାର ପ୍ରଭାବ ବଢ଼ିବା ସହ ଅଣ-ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ ଏବଂ ପ୍ରବାସୀଙ୍କ ପ୍ରତି କଠୋରତା ପ୍ରଦର୍ଶନ କରାଯାଉଛି । ଟେକ୍ସାସର ଏହି ଘଟଣା ଏବେ ଆମେରିକାରେ ବହୁ-ସାଂସ୍କୃତିକ ପରିବେଶ ଏବଂ ଧାର୍ମିକ ସ୍ୱାଧୀନତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ନେପାଳରେ ଚୀନ୍-ପାକିସ୍ତାନର ଗୁପ୍ତ ବୈଠକ: ଅରୁଣାଚଳ ପ୍ରଦେଶର ସ୍ଥିତିକୁ ବିଗାଡ଼ିବା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ, ୨୨/୨(ନ୍ୟୁ.ଏ): ଫେବୃଆରି ୧୬ ତାରିଖରେ, ନେପାଳର ରାଜଧାନୀ କାଠମାଣ୍ଡୁର ସବୁଠାରୁ ସୁରକ୍ଷିତ ବୋଲି ବିବେଚିତ ଏକ ଆବାସିକ ଅଂଚଳ ବାଲୁୱାତାରରେ ପାକିସ୍ତାନୀ ଓ ଚୀନ୍ ଅଧିକାରୀଙ୍କ ମଧ୍ୟରେ ଏକ ଗୁପ୍ତ ବୈଠକ ଅନୁଷ୍ଠିତ ହୋଇଥିଲା । ଇଫପଦସ୍ତ ଚୀନ୍ ତଥା ପାକିସ୍ତାନୀ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନେପାଳରେ ଥିବା ପାକିସ୍ତାନ ଦୂତାବାସର ପାକିସ୍ତାନୀ ପ୍ରତିରକ୍ଷା ଆଟାଚି କର୍ଣ୍ଣେଲ ହାଫିଜ୍-ଉ-ରେହମାନ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ